रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI, MONDAY, DECEMBER 14, 1992/MARGASIR 23, 1914 (SAKA) VOL. 3
ସଂ 1 ନୂଆଦିଲ୍ଲୀ, ସୋମବାର, ଡିସେମ୍ବର 14, 1992/ମାର୍ଗଶିର 23, 1914 (ଶକ) ଗ୍ରନ୍ଥଖଣ୍ଡ 3

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 14th December, 1992/23 Margasir, 1914 (SAKA)*

The Translation in Oriya of the following:—

(1) The Indian Evidence Act, 1872 (2) The Miscellaneous Personal Law (Extension) Act, 1959, (3) The Bonded Labour System (Abolition) Act, 1976, (4) The Hindu Marriage Act, 1955 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 ( 50 of 1973).

# ହିନ୍ଦୁ ବିବାହ ଅଧିନିୟମ, 1955

## 1955 ର ଅଧିନିୟମ ସଂ 25

ହିନ୍ଦୁମାନଙ୍କ ମଧ୍ୟରେ ବିବାହ ସଂପର୍କିତ ବିଧିକୁ ସଂଶୋଧନ ଓ ସଂହିତାବଦ୍ଧ କରିବା ନିମିତ୍ତ ଏକ ଅଧିନିୟମ ।

[18 ମେ, 1955]

ଭାରତ ଗଣରାଜ୍ୟର ଷଷ୍ଠ ବର୍ଷରେ ସଂସଦ ଦ୍ୱାରା ଏହା ନିମ୍ନୋକ୍ତ ମତେ ଅଧିନିୟମିତ ହେଲା ।

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ହିନ୍ଦୁ ବିବାହ ଅଧିନିୟମ, 1955 ନାମରେ ଅଭିହିତ ହେବ ।

(2) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ଏବଂ ଏହି ଅଧିନିୟମ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ପ୍ରତି ବିସ୍ତାରିତ ତହିଁରେ ଅଧିବାସ କରୁଥିବା ଯେଉଁ ହିନ୍ଦୁମାନେ ଉକ୍ତ ରାଜ୍ୟ-କ୍ଷେତ୍ରଗୁଡ଼ିକର ବାହାରେ ଥାଆନ୍ତି ତାହାଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

ଅଧିନିୟମର ପ୍ରୟୋଗ

2. (1) ଏହି ଅଧିନିୟମ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ପ୍ରତି ପ୍ରଯୋଜ୍ୟ ହେବ :—

(କ) ବୀରଶୈବ, ଲିଙ୍ଗାୟତ ବା ବ୍ରାହ୍ମସମାଜ, ପ୍ରାର୍ଥନା ସମାଜ ବା ଆର୍ଯ୍ୟ ସମାଜର କୌଣସି ଅନୁଗାମୀଙ୍କ ସମେତ ହିନ୍ଦୁ ଧର୍ମର ଯେ କୌଣସି ରୂପ ବା ବିକାଶ ଅନୁସାରେ ଧର୍ମତଃ ହିନ୍ଦୁ ହୋଇଥିବା ଯେ କୌଣସି ବ୍ୟକ୍ତି,

(ଖ) ଧର୍ମତଃ ବୌଦ୍ଧ, ଜୈନ ବା ଶିଖ ହୋଇଥିବା ଯେ କୌଣସି ବ୍ୟକ୍ତି, ଏବଂ

(ଗ) ଏହି ଅଧିନିୟମ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ପ୍ରତି ବିସ୍ତାରିତ ତହିଁରେ ଅଧିବାସ କରୁଥିବା ଯେଉଁ ବ୍ୟକ୍ତି ଧର୍ମତଃ ମୁସଲମାନ, ଖ୍ରୀଷ୍ଟିୟାନ, ପାର୍ସି, ବା ଇହୁଦି ହୋଇନଥାଆନ୍ତି କିନ୍ତୁ ଏହି ଅଧିନିୟମ ପାରିତ ହୋଇନଥିଲେ ଏଥିରେ ଉପବନ୍ଧିତ ହୋଇଥିବା କୌଣସି ବିଷୟ ସଂପର୍କରେ ସେଭଳି କୌଣସି ବ୍ୟକ୍ତି ହିନ୍ଦୁ ବିଧିଦ୍ୱାରା କିମ୍ବା ସେହି ବିଧିର ଭାଗ ରୂପେ କୌଣସି ଲୋକାଚାର ବା ରୁଢ଼ିଦ୍ୱାରା ଶାସିତ ହୋଇ ନଥାଆନ୍ତେ ବୋଲି ପ୍ରମାଣିତ ନହୁଏ ସେହି ଅନ୍ୟ ବ୍ୟକ୍ତି ।

ସ୍ପଷ୍ଟୀକରଣ—ନିମ୍ନଲିଖିତ ବ୍ୟକ୍ତିମାନେ, ଯଥାସ୍ଥିତି, ଧର୍ମତଃ ହିନ୍ଦୁ, ବୌଦ୍ଧ, ଜୈନ ବା ଶିଖ ଅଟନ୍ତି :—

(କ) ବୈଧ ବା ଅବୈଧ ଯେଉଁ ସନ୍ତାନର ପିତାମାତା ଉଭୟ ଧର୍ମତଃ ହିନ୍ଦୁ, ବୌଦ୍ଧ, ଜୈନ ବା ଶିଖ ହୋଇଥାଆନ୍ତି, ସେହି ସନ୍ତାନ,

(ଖ) ବୈଧ ବା ଅବୈଧ ଯେଉଁ ସନ୍ତାନର ପିତାମାତାଙ୍କ ମଧ୍ୟରୁ ଜଣେ ଧର୍ମତଃ ହିନ୍ଦୁ, ବୌଦ୍ଧ, ଜୈନ ବା ଶିଖ ହୋଇଥାଆନ୍ତି ଏବଂ ସେପରି ପିତା ବା ମାତା ଯେଉଁ ଜନଜାତି, ଗୋଷ୍ଠୀ, ଦଳ ବା ପରିବାରର ସଦସ୍ୟ ହୋଇଥାଆନ୍ତି ବା ହୋଇଥିଲେ ତହିଁର କୌଣସି ସଦସ୍ୟ ରୂପେ ଯେଉଁ ସନ୍ତାନ ପାଳିତ ହୋଇଥାଏ, ସେହି ସନ୍ତାନ,

(ଗ) ହିନ୍ଦୁ, ବୌଦ୍ଧ, ଜୈନ ବା ଶିଖ ଧର୍ମରେ ଧର୍ମାନ୍ତରିତ ବା ପୁନଃଧର୍ମାନ୍ତରିତ ହୋଇଥିବା କୌଣସି ବ୍ୟକ୍ତି ।

(2) ଉପଧାରା (1) ରେ ଯାହା କିଛି ଥିବା ସତ୍ତ୍ୱେ ଏହି ଅଧିନିୟମରେ ଥିବା କୌଣସି ବିଷୟ କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଅନ୍ୟଥା ନିର୍ଦ୍ଦେଶ ନଦେବା ପର୍ଯ୍ୟନ୍ତ ସଂବିଧାନର ଅନୁଚ୍ଛେଦ 366 ର ଖଣ୍ଡ 25 ର ଅର୍ଥ ମଧ୍ୟରେ କୌଣସି ଅନୁସୂଚିତ ଜନଜାତିର ବ୍ୟକ୍ତିମାନଙ୍କ ପ୍ରତି ପ୍ରଯୋଜ୍ୟ ହେବନାହିଁ ।

(୩) ଏହି ଅଧିନିୟମର ଯେ କୌଣସି ଭାଗରେ ଥିବା "ହିନ୍ଦୁ" ଅଭିବ୍ୟକ୍ତିଟିକୁ ଏପରି ଅର୍ଥାନ୍ୱୟ କରାଯିବ ସତେ ଯେପରିକି କୌଣସି ବ୍ୟକ୍ତି ଧର୍ମତଃ ହିନ୍ଦୁ ହୋଇନଥିଲେ ମଧ୍ୟ ଏହି ଧାରାରେ ଥିବା ଉପବନ୍ଧ ବଳରେ ଏହି ଅଧିନିୟମ ଯେଉଁ ବ୍ୟକ୍ତିଙ୍କ ପ୍ରତି ପ୍ରଯୋଜ୍ୟ ହୁଏ ତାହା ସେହି ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରୁଅଛି ।

ସଂଜ୍ଞା 3. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ :—

(କ) "ଲୋକାଗ୍ଚର" ଓ "ଚଳଣି" ଅଭିବ୍ୟକ୍ତି ଗୁଡ଼ିକ, ଦୀର୍ଘଦିନ ଧରି ନିରବଚ୍ଛିନ୍ନଭାବେ ଓ ସମରୂପଭାବେ ପାଳିତ ହୋଇ କୌଣସି ସ୍ଥାନୀୟ କ୍ଷେତ୍ର, ଜନଜାତି, ଗୋଷ୍ଠୀ, ଦଳ ବା ପରିବାରରେ ହିନ୍ଦୁମାନଙ୍କ ମଧ୍ୟରେ ବିଧିର ବଳ ହାସଲ କରିଥିବା କୌଣସି ନିୟମକୁ ବୁଝାଏ :

ପରନ୍ତୁ ସେହି ନିୟମ ନିଶ୍ଚିତ ହୋଇଥିବ ଏବଂ ଅଯୌକ୍ତିକ ହୋଇନଥିବ ବା ସର୍ବସାଧାରଣ ନୀତିର ବିରୁଦ୍ଧାଚରଣ କରୁନଥିବ, ଏବଂ

ଅଧିକନ୍ତୁ କୌଣସି ନିୟମ କେବଳ ଗୋଟିଏ ପରିବାର ପ୍ରତି ପ୍ରଯୋଜ୍ୟ ହେଉଥିବା ସ୍ଥଳେ ତାହାର ନିରବଚ୍ଛିନ୍ନତା ସେହି ପରିବାର ଦ୍ୱାରା ବନ୍ଦ କରି ଦିଆଯାଇ ନଥିବ,

(ଖ) "ଜିଲ୍ଲା ନ୍ୟାୟାଳୟ" ଅର୍ଥ ଯେଉଁ କ୍ଷେତ୍ର ପାଇଁ ଏକ ନଗର ସିଭିଲ ନ୍ୟାୟାଳୟ ଥାଏ ସେହି ନ୍ୟାୟାଳୟ ଏବଂ ଅନ୍ୟ କୌଣସି କ୍ଷେତ୍ରରେ ମୂଳ ଅଧିକାରିତା ଥିବା ପ୍ରମୁଖ ସିଭିଲ ନ୍ୟାୟାଳୟ ଏବଂ ଏହି ଅଧିନିୟମରେ ଚର୍ଚ୍ଚା କରାଯାଇଥିବା ବିଷୟ ସଂପର୍କରେ ଅଧିକାରିତା ଥିବା ଯେଉଁ ଅନ୍ୟ ସିଭିଲ ନ୍ୟାୟାଳୟକୁ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ରାଜ୍ୟ ସରକାର ବିନିର୍ଦ୍ଦିଷ୍ଟ କରିପାରନ୍ତି ତାହାକୁ ଅନ୍ତର୍ଗତ କରିବ ,

(ଗ) "ସହୋଦର ରକ୍ତସଂପର୍କ" ଓ "ବୈମାତ୍ରେୟ ରକ୍ତ ସଂପର୍କ" ଦୁଇଜଣ ବ୍ୟକ୍ତି ସେହି ଏକାପତ୍ନୀଙ୍କ ଦ୍ୱାରା ଜଣେ ସାଧାରଣ ପୂର୍ବଜଙ୍କ ଔରସରୁ ଜାତ ହୋଇଥିଲେ ସେମାନଙ୍କୁ ପରସ୍ପର ସହୋଦର ରକ୍ତ ସଂପର୍କୀୟ ବୋଲି କୁହାଯିବ ଏବଂ ଭିନ୍ନ ଭିନ୍ନ ପତ୍ନୀଙ୍କ ଦ୍ୱାରା ଜଣେ ସାଧାରଣ ପୂର୍ବଜଙ୍କ ଔରସରୁ ଜାତ ହୋଇଥିଲେ ସେମାନଙ୍କୁ ପରସ୍ପର ବୈମାତ୍ରେୟ ରକ୍ତ ସଂପର୍କୀୟ ବୋଲି କୁହାଯିବ,

(ଘ) "ଏକୋଦର ରକ୍ତ ସଂପର୍କ " ଜଣେ ସାଧାରଣ ପୂର୍ବଜାଙ୍କ ଠାରୁ ମାତ୍ର ଭିନ୍ନ ଭିନ୍ନ ପତିଙ୍କ ଔରସରୁ ଜାତ ହୋଇଥିଲେ ସେମାନଙ୍କୁ ପରସ୍ପର ଏକୋଦର ରକ୍ତ ସଂପର୍କୀୟ ବୋଲି କୁହାଯିବ,

**ସ୍ପଷ୍ଟୀକରଣ**—ଖଣ୍ଡ (ଗ) ଓ (ଘ) ରେ "ପୂର୍ବଜ" ପିତାଙ୍କୁ ଓ "ପୂର୍ବଜା" ମାତାଙ୍କୁ ଅନ୍ତର୍ଗତ କରେ ।

(ଙ) "ବିହିତ" ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ,

(ଚ) (i) କୌଣସି ବ୍ୟକ୍ତିଙ୍କ ସମ୍ବନ୍ଧରେ "ସପିଣ୍ଡ ସଂପର୍କ" ପ୍ରତ୍ୟେକ କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମ ପୁରୁଷରୂପେ ଗଣନା କରାଯାଇ ତାଙ୍କ ଉପରକୁ ମାତାଙ୍କ ବଂଶକ୍ରମରେ ତୃତୀୟ ପୁରୁଷ (ସମେତ) ପର୍ଯ୍ୟନ୍ତ ଏବଂ ପିତାଙ୍କ ବଂଶକ୍ରମରେ ପଞ୍ଚମ ପୁରୁଷ (ସମେତ) ପର୍ଯ୍ୟନ୍ତ ବିସ୍ତୃତ ।

(ii) ଦୁଇଜଣ ବ୍ୟକ୍ତିଙ୍କୁ ପ୍ରତ୍ୟେକେ ପ୍ରତ୍ୟେକର 'ସପିଣ୍ଡ' ବୋଲି କୁହାଯିବ, ଯଦି ସପିଣ୍ଡ ସଂପର୍କର ସୀମା ମଧ୍ୟରେ ଜଣେ ଅନ୍ୟର କୌଣସି ପାରଂପରିକ ପୂର୍ବପୁରୁଷ ହୋଇଥାଆନ୍ତି କିମ୍ବା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସଂପର୍କରେ ସେମାନଙ୍କର ଜଣେ ସାଧାରଣ ପାରଂପରିକ ପୂର୍ବପୁରୁଷ ସପିଣ୍ଡ ସଂପର୍କର ସୀମା ମଧ୍ୟରେ ଥାଆନ୍ତି,

(ଛ) "ପ୍ରତିଷିଦ୍ଧ ସଂପର୍କର ମାତ୍ରା" ଦୁଇଜଣ ବ୍ୟକ୍ତି "ପ୍ରତିଷିଦ୍ଧ ସଂପର୍କର ମାତ୍ରା" ମଧ୍ୟରେ ଅଛନ୍ତି ବୋଲି କୁହାଯିବ :—

(i) ଯଦି ଜଣେ ଅନ୍ୟ ଜଣଙ୍କର ପାରଂପରିକ ପୂର୍ବପୁରୁଷ ହୋଇଥାଆନ୍ତି, ବା

(ii) ଯଦି ଜଣେ ଅନ୍ୟ ଜଣଙ୍କର କୌଣସି ପାରଂପରିକ ପୂର୍ବପୁରୁଷ ବା ବଂଶଧରଙ୍କ ପତ୍ନୀ ବା ପତି ଥିଲେ, ବା

(iii) ଯଦି ଜଣେ ଅନ୍ୟ ଜଣଙ୍କର ଭାଇଙ୍କ କିମ୍ବା ପିତା ବା ମାତାଙ୍କର ଭାଇଙ୍କ କିମ୍ବା ପିତାମହ ବା ପିତାମହୀଙ୍କର ଭାଇଙ୍କ ପତ୍ନୀ ଥିଲେ,

(iv) ଯଦି ଦୁହେଁ ଭାଇ ଓ ଭଉଣୀ, କକେଇ ଓ ଝିଆରୀ, ମଉସା ଓ ଝିଆରୀ ବା ମାମୁଁ ଓ ଭାଣିଜୀ, ଖୁଡ଼ି ଓ ପୁତୁରା, ମାଉସୀ ଓ ପୁତୁରା ବା ମାଈଁ ଓ ଭଣଜା କିମ୍ବା ଭାଇ ଓ ଭଉଣୀଙ୍କର ବା ଦୁଇ ଭାଇଙ୍କର ବା ଦୁଇ ଭଉଣୀଙ୍କର ସନ୍ତାନ ସନ୍ତତି ହୋଇଥାଆନ୍ତି,

ସ୍ପଷ୍ଟୀକରଣ——ଖଣ୍ଡ (ଚ) ଓ (ଛ) ଉଦ୍ଦେଶ୍ୟରେ ଥିବା ସଂପର୍କ :—

(i) ବୈମାତ୍ରେୟ ବା ଏକୋଦର ତଥା ସହୋଦର ରକ୍ତ ସଂପର୍କ ଦ୍ୱାରା ସଂପର୍କକୁ,

(ii) ଅବୈଧ ତଥା ବୈଧ ସଂପର୍କକୁ,

(iii) ଦତ୍ତକଗ୍ରହଣ ତଥା ରକ୍ତ ସଂପର୍କୀୟ ସଂପର୍କକୁ,

ଅନ୍ତର୍ଗତ କରେ ଏବଂ ସେହି ଖଣ୍ଡ ମାନଙ୍କରେ ଥିବା ସଂପର୍କ ସମ୍ବନ୍ଧୀୟ ସକଳ ପଦକୁ ତଦନୁସାରେ ଅର୍ଥାନ୍ୱୟ କରାଯିବ ।

ଅଧିନିୟମର ଅଧ୍ୟାରୋହୀ ପ୍ରଭାବ ।

4. ଏହି ଅଧିନିୟମରେ ଅଭିବ୍ୟକ୍ତ ଭାବେ ଅନ୍ୟଥା ଉପବଂଧିତ ହୋଇଥିବା ବ୍ୟତିରେକେ:—

(କ) ଏହି ଅଧିନିୟମରେ ଯେଉଁ ବିଷୟ ଲାଗି ବ୍ୟବସ୍ଥା କରାଯାଇଅଛି ତାହା ସଂକ୍ରାନ୍ତରେ ହିନ୍ଦୁ ବିଧିର କୌଣସି ଶାସ୍ତ୍ର, ନିୟମ ବା ବ୍ୟାଖ୍ୟା କିମ୍ବା ଏହି ଅଧିନିୟମ ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ପ୍ରବୃତ୍ତ ଥିବା ସେହି ବିଧିର ଅଂଶରୂପେ କୌଣସି ଲୋକାଚାରର ବା ଚଳଣିର ପ୍ରଭାବ ଆଉ ରହିବ ନାହିଁ;

(ଖ) ଏହି ଅଧିନିୟମ ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ପ୍ରବୃତ୍ତ ଥିବା ଅନ୍ୟ କୌଣସି ବିଧି, ଏହି ଅଧିନିୟମର କୌଣସି ଉପବନ୍ଧ ସହିତ ଯେତେଦୂର ଅସଙ୍ଗତ ହେଉଥିବ, ସେତେଦୁର ଯାଏଁ ତାହାର ଆଉ ପ୍ରଭାବ ରହିବ ନାହିଁ ।

## ହିନ୍ଦୁ ବିବାହ

ହିନ୍ଦୁ ବିବାହ ଲାଗି ସର୍ତ୍ତାବଳୀ ।

5. ନିମ୍ନଲିଖିତ ସର୍ତ୍ତଗୁଡ଼ିକ ପୂରଣ ହେଉଥିଲେ କୌଣସି ଦୁଇଜଣ ହିନ୍ଦୁଙ୍କ ମଧ୍ୟରେ ଏକ ବିବାହ ଅନୁଷ୍ଠିତ ହୋଇପାରିବ,—

(i) ବିବାହ ସମୟରେ କୌଣସି ପକ୍ଷଙ୍କର କୌଣସି ପତ୍ନୀ ବା ପତି ଜୀବିତ ନଥିବେ;

(ii) ବିବାହ ସମୟରେ କୌଣସି ପକ୍ଷ:—

(କ) ମସ୍ତିଷ୍କ ବିକୃତିର ପରିଣାମ ସ୍ୱରୂପ ବିବାହ ଲାଗି କୌଣସି ବିଧିମାନ୍ୟ ସମ୍ମତି ଦେବାରେ ଅସମର୍ଥ ହୋଇ ନଥିବେ, ବା

(ଖ) ଯଦ୍ୟପି କୌଣସି ବିଧିମାନ୍ୟ ସମ୍ମତି ଦେବାରେ ସମର୍ଥ ହୋଇଥାଆନ୍ତି ତଥାପି ବିବାହ ଲାଗି ଓ ସନ୍ତାନ ପ୍ରଜନନ ଲାଗି ଅନୁପଯୁକ୍ତ ହେବା ଭଳି ବା ସେପରି ପ୍ରକାରର ବା ସେତେଦୂର ପର୍ଯ୍ୟନ୍ତ ମାନସିକ ଅବ୍ୟବସ୍ଥା ଭୋଗ କରୁନଥିବେ, ବା

(ଗ) ଉନ୍ମତ୍ତତା ବା ଅପସ୍ମାର ରୋଗରେ ବାରମ୍ବାର ଆକ୍ରାନ୍ତ ହେଉନଥିବେ,

(iii) ବିବାହ ସମୟରେ ବରର ବୟସ ଏକୋଇଶ ବର୍ଷ ଓ କନ୍ୟାର ବୟସ ଅଠର ବର୍ଷ ପୂର୍ଣ୍ଣ ହୋଇଥିବ ;

(iv) ଯଦି ପକ୍ଷମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିୟନ୍ତ୍ରିତ କରୁଥିବା ଲୋକାଚାର ବା ଚଳଣି ସେହି ଦୁଇଜଣଙ୍କ ମଧ୍ୟରେ କୌଣସି ବିବାହକୁ ଅନୁମତ କରୁନଥାଏ, ତେବେ ସେମାନେ ପ୍ରତିଷିଦ୍ଧ ସଂପର୍କର ମାତ୍ରା ମଧ୍ୟରେ ନଥିବେ;

(v) ଯଦି ପକ୍ଷମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିୟନ୍ତ୍ରିତ କରୁଥିବା ଲୋକାଚାର ବା ଚଳଣି ସେହି ଦୁଇଜଣଙ୍କ ମଧ୍ୟରେ କୌଣସି ବିବାହକୁ ଅନୁମତ କରୁନଥାଏ, ତେବେ ସେମାନେ ପରସ୍ପର ସପିଣ୍ଡ ହୋଇନଥାନ୍ତି ।

ବିବାହରେ ଅଭିଭାବକତ୍ୱ

6. ନିରସିତ

ହିନ୍ଦୁ ବିବାହ ଲାଗି କର୍ମକାଣ୍ଡ ।

7. (1) ବିବାହର ଯେ କୌଣସି ପକ୍ଷଙ୍କ ଲୌକାଚାରିକ କ୍ରିୟା ଓ କର୍ମକାଣ୍ଡ ଅନୁସାରେ ଏକ ହିନ୍ଦୁ ବିବାହ ଅନୁଷ୍ଠିତ ହୋଇପାରିବ ।

(2) ଯେଉଁଠାରେ ସେପରି କ୍ରିୟା ଓ କର୍ମକାଣ୍ଡ ସପ୍ତପଦୀ (ଅର୍ଥାତ୍ ପବିତ୍ର ଅଗ୍ନି ସମ୍ମୁଖରେ ବର ଓ କନ୍ୟାଙ୍କ ଦ୍ୱାରା ସଂଯୁକ୍ତଭାବରେ ସାତ ପାଦ ଚାଲନା ) କୁ ଅନ୍ତର୍ଗତ କରେ, ସେଠାରେ ସପ୍ତମ ପଦ ପକାହେଲେ ବିବାହ ସଂପୂର୍ଣ୍ଣ ଓ ଆବଦ୍ଧକର ହେବ ।

ହିନ୍ଦୁ ବିବାହର ରେଜିଷ୍ଟ୍ରୀକରଣ ।

8. (1) ହିନ୍ଦୁ ବିବାହର ପ୍ରମାଣକୁ ସହଜ କରାଇବା ଉଦ୍ଦେଶ୍ୟରେ, ଯେପରି ବିହିତ ହୋଇପାରେ ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷହୋଇ ଉକ୍ତ ବିବାହର ପକ୍ଷମାନେ ସେମାନଙ୍କ ବିବାହ ସଂପର୍କିତ ସବିଶେଷ ବିବରଣକୁ ସେହି ଉଦ୍ଦେଶ୍ୟରେ ରଖାଯାଇଥିବା ଏକ ହିନ୍ଦୁ ବିବାହ ରେଜିଷ୍ଟରରେ ଦରଜ କରାଇ ପାରିବେ ବୋଲି ବ୍ୟବସ୍ଥା କରି ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରିବେ ।

(2) ଉପଧାରା (1) ରେ ଯାହାକିଛି ଥିବା ସତ୍ତ୍ୱେ, ସମଗ୍ର ରାଜ୍ୟରେ ବା ରାଜ୍ୟର କୌଣସି ଭାଗରେ ସବୁସ୍ଥଳେ ବା ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ସେପରି ସ୍ଥଳେ ଉପଧାରା (1) ରେ ଉଲ୍ଲିଖିତ ସବିଶେଷ ବିବରଣଗୁଡ଼ିକର ଦରଜକୁ ବାଧ୍ୟତାମୂଳକ କରାଇବା ଆବଶ୍ୟକ ବା ସମୀଚୀନ ଅଟେ ବୋଲି ଯଦି ରାଜ୍ୟ ସରକାରଙ୍କ ମତ ହୁଏ ତେବେ ରାଜ୍ୟ ସରକାର ସେପରି କରାଇବାକୁ ଉପବନ୍ଧ କରିପାରିବେ ଏବଂ ଯେଉଁଠାରେ ସେପରି କୌଣସି ନିର୍ଦ୍ଦେଶ ଦିଆଯାଇଥିବ, ସେଠାରେ ଏତଦୁପଲକ୍ଷେ ପ୍ରଣୀତ କୌଣସି ନିୟମର ଉଲ୍ଲଂଘନ କରୁଥିବା କୌଣସି ବ୍ୟକ୍ତି ପଚିଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(3) ଏହି ଧାରା ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳୀ ସେଗୁଡ଼ିକ ପ୍ରଣୀତ ହେବା ପରେ ଯଥାସମ୍ଭବ ଶୀଘ୍ର ରାଜ୍ୟ ବିଧାନ ମଣ୍ଡଳ ସମକ୍ଷରେ ଉପସ୍ଥାପିତ କରାଯିବ ।

(4) ହିଂଦୁ ବିବାହ ରେଜିଷ୍ଟରଟି ସମସ୍ତ ଯୁକ୍ତିଯୁକ୍ତ ସମୟରେ ନିରୀକ୍ଷଣ ନିମନ୍ତେ ଉନ୍ମୁକ୍ତ ରହିବ ଏବଂ ତହିଁରେ ଥିବା ବିବରଣ ସାକ୍ଷ୍ୟରୂପେ ଗ୍ରାହ୍ୟ ହେବ ଏବଂ ତହିଁର ପ୍ରମାଣିତ ଉଦ୍ଧୃତାଂଶ ପାଇଁ ଦରଖାସ୍ତ କରାଗଲେ ରେଜିଷ୍ଟ୍ରାରଂକୁ ବିହିତ ଫିସ ପ୍ରଦାନ କରାଯିବା ପରେ ସେ ତାହା ଦେବେ ।

(5) ଏହି ଧାରାରେ ଯାହାକିଛି ଥିବା ସତ୍ତ୍ୱେ, ଦରଜ କରାଯାଇନଥିବା ହେତୁ କୌଣସି ହିଂଦୁ ବିବାହର ବିଧିମାନ୍ୟତା କୌଣସି ପ୍ରକାରେ ପ୍ରଭାବିତ ହେବନାହିଁ ।

## ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ଓ ନ୍ୟାୟିକ ପୃଥକ୍କରଣ

ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ।

9. (1) ଯେବେ ଯୁକ୍ତିଯୁକ୍ତ କାରଣ ବିନା ପତି ବା ପତ୍ନୀ ଜଣେ ଅନ୍ୟ ଜଣଂକର ସାହଚର୍ଯ୍ୟରୁ ନିଜକୁ ପ୍ରତ୍ୟାହୃତ କରିଥାଆନ୍ତି ତେବେ ସେହି ବ୍ୟଥିତ ପକ୍ଷ ଜିଲ୍ଲା ନ୍ୟାୟାଳୟଂକୁ ଆବେଦନଦ୍ୱାରା ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ପାଇଁ ଦରଖାସ୍ତ କରିପାରିବେ ଏବଂ ସେପରି ଆବେଦନରେ ଦିଆଯାଇଥିବା ବିବୃତିର ସତ୍ୟତା ସଂପର୍କରେ ସେହି ନ୍ୟାୟାଳୟ ସନ୍ତୁଷ୍ଟ ହେଲାପରେ ଏବଂ ଦରଖାସ୍ତଟି ମଂଜୁର ନକରିବାପାଇଁ କୌଣସି ନ୍ୟାୟିକ କାରଣ ନଥିଲେ ତଦନୁସାରେ ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ଡ଼ିକ୍ରି ଦେଇ ପାରିବେ ।

ସ୍ପଷ୍ଟୀକରଣ :—ସାହଚର୍ଯ୍ୟରୁ ପ୍ରତ୍ୟାହାରଲାଗି ଯୁକ୍ତିଯୁକ୍ତ କାରଣ ଅଛି କି ନାହିଁ ବୋଲି କୌଣସି ପ୍ରଶ୍ନ ଉଠିବାସ୍ଥଳେ ଯୁକ୍ତିଯୁକ୍ତ କାରଣର ପ୍ରମାଣ କରିବା ଭାର ସାହଚର୍ଯ୍ୟର ପ୍ରତ୍ୟାହାର କରିଥିବା ବ୍ୟକ୍ତିଂକ ଉପରେ ରହିବ ।

ନ୍ୟାୟିକ ପୃଥକ୍କରଣ

10. (1) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା ଏକ ବିବାହର ଯେକୌଣସି ପକ୍ଷ ଧାରା 13ର ଉପଧାରା (1) ରେ ବିନିର୍ଦ୍ଦିଷ୍ଟ ଯେକୌଣସି କାରଣରୁ ଏବଂ ପତ୍ନୀଂକ ସ୍ଥଳେ ଉକ୍ତ ଧାରାର ଉପଧାରା (2) ଅନୁଯାୟୀ ବିବାହ ବିଚ୍ଛେଦଲାଗି ଯେଉଁସବୁ କାରଣରୁ ଏକ ଆବେଦନ ପତ୍ର ଦିଆଯାଇ-ପାରିଥାନ୍ତା, ସେହି ସବୁ କାରଣରୁ ମଧ୍ୟ ନ୍ୟାୟିକ ପୃଥକ୍କରଣ ଲାଗି ଏକ ଡ଼ିକ୍ରି ନିମନ୍ତେ ପ୍ରାର୍ଥନା କରି ଏକ ଆବେଦନ ପତ୍ର ଦେଇପାରିବେ ।

(୨) ଯେଉଁଠାରେ ନ୍ୟାୟିକ ପୃଥକ୍‌କରଣ ଲାଗି କୌଣସି ଡ଼ିକ୍ରି ଦିଆଯାଇଥାଏ ସେଠାରେ ଆବେଦନକାରୀ ଜବାବଦାତାଙ୍କ ସହିତ ସହବାସ କରିବା ଆଉ ବାଧ୍ୟକର ହେବନାହିଁ, କିନ୍ତୁ ଆବେଦନ ଦ୍ୱାରା ଯେକୌଣସି ପକ୍ଷଙ୍କ ଦରଖାସ୍ତ ଉପରେ ଏବଂ ଉକ୍ତ ଆବେଦନରେ ଦିଆଯାଇଥିବା ବିବୃତିର ସତ୍ୟତା ସଂପର୍କରେ ସନ୍ତୁଷ୍ଟ ହେବାପରେ ଯଦି ନ୍ୟାୟାଳୟ ଉକ୍ତ ଡ଼ିକ୍ରିକୁ ରଦ୍ଦ କରିବାକୁ ଉପଯୁକ୍ତ ଓ ଯୁକ୍ତିଯୁକ୍ତ ବୋଲି ମନେ କରନ୍ତି ତାହାହେଲେ ସେପରି କରିପାରିବେ ।

## ବିବାହର ନିଃସାରଣ ଓ ବିବାହ ବିଚ୍ଛେଦ

ବ୍ୟର୍ଥ ବିବାହ

11. ଏହି ଅଧିନିୟମର ପ୍ରାରମ୍ଭ ପରେ ଅନୁଷ୍ଠିତ ହୋଇଥିବା କୌଣସି ବିବାହ ଯଦି ଧାରା 5 ର ଖଣ୍ଡ (i), (iv) ଓ (v)ରେ ଉଲ୍ଲିଖିତ ଯେକୌଣସି ଗୋଟିଏ ସର୍ତ୍ତର ଉଲ୍ଲଂଘନ କରୁଥାଏ, ତେବେ ତାହା ନିଃସାର ଓ ବ୍ୟର୍ଥ ହେବ ଏବଂ ଉକ୍ତ ବିବାହର ଯେକୌଣସି ପକ୍ଷ ଅନ୍ୟ ପକ୍ଷଙ୍କ ବିରୁଦ୍ଧରେ ଉପସ୍ଥାପିତ କରାଯାଇଥିବା ଆବେଦନ ଉପରେ ତାହା ନିଃସାର ସୂଚକ ଡ଼ିକ୍ରି ଦ୍ୱାରା ସେପରି ଘୋଷିତ ହୋଇପାରିବ ।

ବ୍ୟର୍ଥନୀୟ ବିବାହ

12. (1) ଏହି ଅଧିନିୟମ ପ୍ରାରମ୍ଭର ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା କୌଣସି ବିବାହ ନିମ୍ନଲିଖିତ ଯେକୌଣସି ହେତୁ ଉପରେ ବ୍ୟର୍ଥନୀୟ ହେବ ଏବଂ ଏକ ନିଃସାର ସୂଚକ ଡ଼ିକ୍ରି ବଳରେ ବାତିଲ ହୋଇପାରିବ :—

(କ) ଜବାବଦାତାଙ୍କ ନପୁଂସକତା ଯୋଗୁଁ ବିବାହୋତ୍ତର ସଂଭୋଗ ହୋଇ ନ ଥିଲେ; ବା

(ଖ) ଧାରା 5 ର ଖଣ୍ଡ (ii) ରେ ବିନିର୍ଦ୍ଦିଷ୍ଟ ସର୍ତ୍ତର ଉଲ୍ଲଂଘନ କରି ବିବାହ କରାଯାଇଥିଲେ, ବା

(ଗ) ଆବେଦନକାରୀଙ୍କ ସମ୍ମତି ବା ଯେଉଁଠାରେ ବାଲ୍ୟ ବିବାହ ନିରୋଧ (ସଂଶୋଧନ) ଅଧିନିୟମ, 1978ର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ବିଦ୍ୟମାନ ଥିବା ପ୍ରକାରେ ଧାରା 5 ଅନୁଯାୟୀ ଆବେଦନକାରୀଙ୍କ ବିବାହରେ ଅଭିଭାବକଙ୍କ ସମ୍ମତି ଆବଶ୍ୟକ ହେଉଥିଲା ସେଠାରେ ସେହି ଅଭିଭାବକଙ୍କ ସମ୍ମତି ବଳପୂର୍ବକ ବା ସମାରୋହର ପ୍ରକୃତି ସଂପର୍କରେ ବା ଜବାବଦାତାଙ୍କ ସଂବନ୍ଧିତ କୌଣସି ସାରବାନ ତଥ୍ୟ ବା ପରିସ୍ଥିତି ସଂପର୍କରେ କପଟପୂର୍ବକ ହାସଲ କରାଯାଇଥିଲେ, ବା

(ଘ) ବିବାହ ସମୟରେ ଆବେଦନକାରୀଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଜବାବଦାତ୍ରୀ ଗର୍ଭବତୀ ହୋଇଥିଲେ ।

(2) ଉପଧାରା (1) ରେ ଯାହା କିଛି ଥିବା ସତ୍ତ୍ୱେ, ଏକ ବିବାହକୁ ବାତିଲ କରିବା ପାଇଁ କୌଣସି ଆବେଦନ—

(କ) ଉପଧାରା (1) ର ଖଣ୍ଡ (ଗ) ରେ ବିନିର୍ଦ୍ଦିଷ୍ଟ କାରଣ ଉପରେ ଗ୍ରହଣ କରାଯିବନାହିଁ ଯଦି,—

(i) ସେହି ବଳପ୍ରୟୋଗ ରହିତ ହେବାର ବା, ଯଥାସ୍ଥିତି, ସେହି କପଟତା ପ୍ରକାଶ ପାଇବାର ଏକାଧିକ ବର୍ଷପରେ ସେହି ଆବେଦନପତ୍ର ଦିଆଯାଏ, ବା

(ii) ସେହି ବଳପ୍ରୟୋଗ ରହିତ ହେବାର ବା, ଯଥାସ୍ଥିତି, କପଟତା ପ୍ରକାଶ ପାଇବା ପରେ ଆବେଦନକାରୀ ବିବାହ ସଂପୃକ୍ତ ଅନ୍ୟପକ୍ଷଙ୍କ ସହିତ ପତି ବା ପତ୍ନୀରୂପେ ତାଙ୍କ ସଂପୂର୍ଣ୍ଣ ସମ୍ମତିକ୍ରମେ ବାସ କରିଥାଆନ୍ତି,

(ଖ) ଉପଧାରା (1) ର ଖଣ୍ଡ (ଘ) ରେ ବିନିର୍ଦ୍ଦିଷ୍ଟ କାରଣ ଉପରେ ଗ୍ରହଣ କରାଯିବ ଯଦି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ—

(i) ବିବାହ ସମୟରେ ଆବେଦନକାରୀ ଅଭିକଥିତ ତଥ୍ୟ ସଂପର୍କରେ ଅଜ୍ଞ ଥିଲେ,

(ii) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଅନୁଷ୍ଠିତ ହୋଇଥିବା କୌଣସି ବିବାହ ସ୍ଥଳେ ସେପରି ପ୍ରାରମ୍ଭର ଏକବର୍ଷ ମଧ୍ୟରେ ଏବଂ ସେପରି ପ୍ରାରମ୍ଭ ପରେ ଅନୁଷ୍ଠିତ ହୋଇଥିବା ବିବାହ ସ୍ଥଳେ ବିବାହ ତାରିଖଠାରୁ ଏକବର୍ଷ ମଧ୍ୟରେ ସେହି କାର୍ଯ୍ୟବିଧି ସଂସ୍ଥିତ କରାଯାଇଅଛି, ଏବଂ

(iii) ଉକ୍ତ କାରଣ ଥିବା ବିଷୟ ଆବେଦନକାରୀ ପ୍ରକାଶ କରିବା ବେଳୁ ଆବେଦନକାରୀଙ୍କ ସମ୍ମତିରେ ଦାଂପତ୍ୟ ସହବାସ ଘଟିନାହିଁ ।

ବିବାହ ବିଚ୍ଛେଦ

13 . (1) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା କୌଣସି ବିବାହ, ଏକେତ ପତି ବା ପତ୍ନୀଂକ ଦ୍ଵାରା ଉପସ୍ଥାପିତ ଏକ ଆବେଦନ କ୍ରମେ ନିମ୍ନଲିଖିତ କାରଣରୁ ଏକବିବାହ ବିଚ୍ଛେଦ ଡ଼ିକ୍ରି ଦ୍ଵାରା ବିଘଟିତ ହୋଇପାରିବ ଯେ ଅନ୍ୟ ପକ୍ଷ :—

(i) ବିବାହ ଅନୁଷ୍ଠିତ ହେବା ପରେ ତାହାଂକ ପତି ବା ପତ୍ନୀଂକ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଂକ ସହିତ ସ୍ଵେଚ୍ଛାରେ ଯୌନ ସଂଭୋଗ କରିଛନ୍ତି , ବା

(iକ) ବିବାହ ଅନୁଷ୍ଠିତ ହେବା ପରେ ଆବେଦନକାରୀଙ୍କ ସହିତ ନିଷ୍ଠୁର ବ୍ୟବହାର କରିଛନ୍ତି, ବା

(iଖ) ଆବେଦନପତ୍ର ଉପସ୍ଥାପନର ଠିକ୍ ପୂର୍ବରୁ ନିରବଚ୍ଛିନ୍ନ ଭାବରେ ଅନ୍ୟୂନ ଦୁଇବର୍ଷ କାଳାବଧି ଲାଗି ଆବେଦନକାରୀଂକୁ ଅଭିତ୍ୟାଗ କରିଛନ୍ତି, ବା

(ii) ଧର୍ମାନ୍ତରଣ ଦ୍ଵାରା ଆଉ ହିନ୍ଦୁ ହୋଇ ରହିନାହାନ୍ତି, ବା

(iii) ଦୁରାରୋଗ୍ୟ ଭାବରେ ବିକୃତ ମସ୍ତିଷ୍କ ହୋଇଯାଇଛନ୍ତି ବା ଏପରି ପ୍ରକାରର ବା ଏତେଦୂର ପର୍ଯ୍ୟନ୍ତ ମାନସିକ ବିକୃତିରେ ନିରବଚ୍ଛିନ୍ନ ଭାବେ ବା ମଝିରେ ମଝିରେ ପୀଡ଼ିତ ହେଉଛନ୍ତି ଯେ, ସେହି ଆବେଦନକାରୀ ଜବାବଦାତାଂକ ସହିତ ବାସ କରିବା ଯୁକ୍ତିଯୁକ୍ତ ଭାବେ ପ୍ରତ୍ୟାଶା କରାଯାଇ ପାରିବନାହିଁ ।

ସ୍ପଷ୍ଟୀକରଣ:—ଏହି ଖଣ୍ଡରେ,

(କ) 'ମାନସିକ ବିକୃତି' ଅଭିବ୍ୟକ୍ତିଟିର ଅର୍ଥ ମାନସିକ ଅସୁସ୍ଥତା, ମସ୍ତିଷ୍କର ସୀମିତ ବା ଅସଂପୂର୍ଣ୍ଣ ବିକାଶ, ମାନସିକ ବ୍ୟାଧି ସଂମ୍ବଧୀୟ ବିକୃତି ବା ମସ୍ତିଷ୍କର ଅନ୍ୟ କୌଣସି ବିକୃତି ବା ଅକର୍ମଣ୍ୟତା ଏବଂ ତହିଁରେ ମତିବିଭ୍ରମ ମଧ୍ୟ ଅନ୍ତର୍ଭୁକ୍ତ ;

(ଖ) "ମାନସିକ ବ୍ୟାଧି ସମ୍ବନ୍ଧୀୟ ବିକୃତି" ଅଭିବ୍ୟକ୍ତିଟିର ଅର୍ଥ (ବୁଦ୍ଧିର ଅଧୋସ୍ଵାଭାବିକତା ଅନ୍ତର୍ଗତ ହୋଇଥାଉ ବା ନଥାଉ) ମସ୍ତିଷ୍କର ଅବିରତ ବିକୃତି ବା ଅକର୍ମଣ୍ୟତା ଯାହା ଫଳରେ ଅନ୍ୟପକ୍ଷ ଅସ୍ଵାଭାବିକଭାବରେ ଆକ୍ରାମଣାତ୍ମକ ବା ଅତ୍ୟନ୍ତ ଦାୟିତ୍ଵହୀନ ଆଚରଣ ପ୍ରଦର୍ଶନ କରିଥାନ୍ତି ଓ ଯାହାପାଇଁ ଡ଼ାକ୍ତରୀ ଚିକିତ୍ସା ଆବଶ୍ୟକ ହୋଇପାରେ ବା ନପାରେ ବା ଯାହା ଉକ୍ତ ଚିକିତ୍ସା ପ୍ରତି ସମ୍ବେଦନଶୀଳ ହୋଇଥାଇପାରେ ବା ନପାରେ; ବା

(iv) କୌଣସି ଉଗ୍ର ଓ ଦୁରାରୋଗ୍ୟ ଅବସ୍ଥାର କୁଷ୍ଠ ରୋଗ ଭୋଗକରି ଆସୁଥାଆନ୍ତି, ବା

(v) କୌଣସି ସଂକ୍ରମଣୀୟ ଅବସ୍ଥାର ରତିଜରୋଗ ଭୋଗ କରି ଆସୁଥାଆନ୍ତି, ବା

(vi) କୌଣସି ଧର୍ମ ସଂପ୍ରଦାୟରେ ଦୀକ୍ଷିତ ହୋଇ ସଂସାର ତ୍ୟାଗ କରିଥାଆନ୍ତି, ବା

(vii) ସେ ଜୀବିତ ରହିଥିଲେ ଯେଉଁମାନେ ସ୍ଵଭାବତଃ ତାହାଂକ ଜୀବିତ ଥିବାର ଜାଣିଥାଆନ୍ତେ ସେମାନେ ସାତବର୍ଷ ବା ତତୋଧିକ ବର୍ଷର କାଳାବଧି ଲାଗି ସେ ଜୀବିତ ଥିବା ବିଷୟରେ ଜାଣି ନଥାନ୍ତି,

ସ୍ପଷ୍ଟୀକରଣ :—ଏହି ଉପଧାରାରେ, "ଅଭିତ୍ୟାଗ" ଅଭିବ୍ୟକ୍ତିଟିର ଅର୍ଥ ଆବେଦନକାରୀଂକୁ କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ବା ତାହାଂକ ସମ୍ମତି ନ ନେଇ ବା ଉକ୍ତ ପକ୍ଷଂକ ଇଚ୍ଛା ବିରୁଦ୍ଧରେ ବିବାହର ଅନ୍ୟପକ୍ଷଂକ ଦ୍ଵାରା ଅଭିତ୍ୟାଗ ଏବଂ ତହିଁରେ ଆବେଦନକାରୀଂକୁ ବିବାହର ଅନ୍ୟପକ୍ଷ ସ୍ଵେଚ୍ଛାରେ ଅବହେଳା କରିବା ଅନ୍ତର୍ଗତ ଏବଂ ଏହାର ବ୍ୟାକରଣଗତ ବିଭେଦନ ଓ ସଜାତୀୟ ଅଭିବ୍ୟକ୍ତି-ଗୁଡ଼ିକୁ ତଦନୁସାରେ ଅର୍ଥାନ୍ଵୟ କରାଯିବ ।

(1. କ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା କୌଣସି ବିବାହର ଯେକୌଣସି ପକ୍ଷ ନିମ୍ନଲିଖିତ କାରଣ ଦର୍ଶାଇ ଏକ ବିବାହ ବିଚ୍ଛେଦ ଡିକ୍ରି ଦ୍ଵାରା ସେହି ବିବାହର ବିଘଟନ ପାଇଁ ଆବେଦନ ଉପସ୍ଥାପନ କରି ପାରିବେ ଯେ,—

(i) ବିବାହର ଉଭୟ ପକ୍ଷ ପକ୍ଷଭୁକ୍ତ ଥିବା କୌଣସି କାର୍ଯ୍ୟବିଧିରେ ନ୍ୟାୟିକ ପୃଥକ୍‌କରଣ ପାଇଁ ଏକ ଡ଼ିକ୍ରି ଦିଆଯିବା ପରେ ଏକ ବର୍ଷ ବା ତାଠାରୁ ଅଧିକ କାଳାବଧି ଲାଗି ସେମାନଙ୍କ ମଧ୍ୟରେ ସହବାସ ପୁନରାରମ୍ଭ ହୋଇନାହିଁ, ବା

(ii) ବିବାହର ଉଭୟ ପକ୍ଷ ପକ୍ଷଭୁକ୍ତ ଥିବା କୌଣସି କାର୍ଯ୍ୟବିଧିରେ ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ପାଇଁ ଏକ ଡିକ୍ରି ଦିଆଯିବା ପରେ ଏକ ବର୍ଷ ବା ତା ଠାରୁ ଅଧିକ କାଳାବଧି ଲାଗି ସେମାନଙ୍କ ମଧ୍ୟରେ ଦାଂପତ୍ୟ ଅଧିକାରର ପୁନଃ ସ୍ଥାପନ ହୋଇନାହିଁ:—

(2) କୌଣସି ପତ୍ନୀ ଏକ ବିବାହ ବିଚ୍ଛେଦ ଡିକ୍ରି ଦ୍ୱାରା ତାଙ୍କ ବିବାହର ବିଘଟନ ପାଇଁ ନିମ୍ନଲିଖିତ କାରଣଗୁଡ଼ିକରୁ ମଧ୍ୟ ଏକ ଆବେଦନପତ୍ର ଉପସ୍ଥାପନ କରିପାରିବେ:—

(i) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଅନୁଷ୍ଠିତ ହୋଇଥିବା କୌଣସି ବିବାହସ୍ଥଳେ ସେଭଳି ପ୍ରାରମ୍ଭ ପୂର୍ବରୁ ସେହି ପତି ପୁନର୍ବାର ବିବାହ କରିଥିବେ ବା ସେଭଳି ପ୍ରାରମ୍ଭ ପୂର୍ବରୁ ବିବାହ କରିଥିବା ଉକ୍ତ ସ୍ୱାମୀଙ୍କ ଅନ୍ୟ କୌଣସି ପତ୍ନୀ ଆବେଦନକାରୀଙ୍କ ବିବାହ ଅନୁଷ୍ଠାନ ସମୟରେ ଜୀବିତ ଥିବେ:

ପରନ୍ତୁ ଉଭୟସ୍ଥଳେ ଆବେଦନପତ୍ର ଉପସ୍ଥାପନ ସମୟରେ ଅନ୍ୟ ପତ୍ନୀ ଜୀବିତ ଥିବା ଆବଶ୍ୟକ, ବା

(ii) ବିବାହ ଅନୁଷ୍ଠିତ ହେବାଠାରୁ ଉକ୍ତ ପତି କୌଣସି ଧର୍ଷଣ, ପୁଂମୈଥୁନ ବା ପଶୁ ମୈଥୁନ ଅପରାଧରେ ଦୋଷୀ ହୋଇଥାନ୍ତି, ବା

(iii) ହିନ୍ଦୁ ଦତ୍ତକ ଗ୍ରହଣ ଓ ଭରଣପୋଷଣ ଅଧିନିୟମ, 1956 ର ଧାରା 18 ଅଧୀନ କୌଣସି ମକଦ୍ଦମାରେ ବା ଦଣ୍ଡ ପ୍ରକ୍ରିୟା ସଂହିତା, 1973ର ଧାରା 125 ଅନୁଯାୟୀ (ଦଣ୍ଡ ପ୍ରକ୍ରିୟା ସଂହିତା 1898ର ଅନୁରୂପ ଧାରା 488 ଅନୁଯାୟୀ) କୌଣସି କାର୍ଯ୍ୟବିଧିରେ ସେହି ପତ୍ନୀ ଅଲଗା ବାସ କରୁଥିବା ସତ୍ତ୍ୱେ ଏବଂ କୌଣସି ଡିକ୍ରି ବା ଆଦେଶ ଦିଆଯିବାଠାରୁ ଏକ ବର୍ଷ ବା ତଦୁର୍ଦ୍ଧ୍ୱ କାଳଲାଗି ପକ୍ଷମାନଙ୍କ ଭିତରେ ସହବାସ ପୁନର୍ବାର ଆରମ୍ଭ ନ କରାଯାଇଥିବା ସତ୍ତ୍ୱେ ସେହି ପତ୍ନୀଙ୍କୁ ଭରଣପୋଷଣ ପ୍ରଦାନ କରି ପତିଙ୍କ ବିରୁଦ୍ଧରେ ସେପରି ଡିକ୍ରି ବା, ଯଥାସ୍ଥିତି, ଆଦେଶ ଦିଆଯାଇଥାଏ, ବା

(iv) ସେହି ପତ୍ନୀଙ୍କର ବିବାହ (ବିବାହୋତ୍ତର ସଂଭୋଗ କରାଯାଇଥାଉ ବା ନ ଥାଉ) ସେ ପନ୍ଦର ବର୍ଷ ବୟସ ପ୍ରାପ୍ତ ହେବା ପୂର୍ବରୁ ଅନୁଷ୍ଠିତ ହୋଇଥିଲା ଏବଂ ସେ ସେହି ବୟସ ପ୍ରାପ୍ତ ହେବା ପରେ ମାତ୍ର ଅଠର ବର୍ଷ ବୟସ ପ୍ରାପ୍ତ ହେବା ପୂର୍ବରୁ ସେହି ବିବାହକୁ ପ୍ରତ୍ୟାଦେଶ କରିଥାଆନ୍ତି ।

ସ୍ପଷ୍ଟୀକରଣ:—ସେହି ବିବାହ, ବିବାହ ବିଧି (ସଂଶୋଧନ) ଅଧିନିୟମ, 1976 ର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା ବିବାହ ପ୍ରତି ଏହି ଖଣ୍ଡ ପ୍ରଯୋଜ୍ୟ ହେବ ।

ବିବାହ ବିଚ୍ଛେଦ କାର୍ଯ୍ୟବିଧିରେ ବିକଳ୍ପ ଅନୁତୋଷ ।

13.କ. ଧାରା 13ର ଉପଧାରା (1)ର ଖଣ୍ଡ (ii), (vi) ଓ (vii)ରେ ଉଲ୍ଲିଖିତ କାରଣଗୁଡ଼ିକ ଭିନ୍ନ ଏକ ଆବେଦନପତ୍ରରେ ଅନ୍ୟ କୌଣସି କାରଣ ଉଲ୍ଲେଖ କରି ଏକ ବିବାହ ବିଚ୍ଛେଦ ଡିକ୍ରି ଦ୍ୱାରା ବିବାହ ବିଘଟନ ଲାଗି କୌଣସି ଆବେଦନ କରାଗଲେ ଏହି ଅଧିନିୟମ ଅଧୀନ କାର୍ଯ୍ୟବିଧିରେ ନ୍ୟାୟାଳୟ ଯଦି ମାମଲାର ପରିସ୍ଥିତିକୁ ଧ୍ୟାନରେ ରଖି ସେପରି କରିବାକୁ ଉଚିତ ମନେ କରନ୍ତି ତେବେ ସେ ବିବାହବିଚ୍ଛେଦ ଡିକ୍ରି ପରିବର୍ତ୍ତରେ ନ୍ୟାୟିକ ପୃଥକ୍‌କରଣ ଲାଗି ଏକ ଡିକ୍ରି ଦେଇ ପାରିବେ ।

ପାରସ୍ପରିକ ସମ୍ମତି ଦ୍ୱାରା ବିବାହ ବିଚ୍ଛେଦ ।

13.ଖ. (1) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ବିବାହ ବିଧି (ସଂଶୋଧନ) ଅଧିନିୟମ, 1976 ର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା ବିବାହର ଉଭୟ ପକ୍ଷ ଏକ ବର୍ଷ ବା ତତୋଧିକ କାଳାବଧି ଲାଗି ପୃଥକ ଭାବେ ବାସ କରିଆସୁଛନ୍ତି, ସେମାନେ ଏକତ୍ରିତ ହୋଇ ବାସ କରିବାକୁ ସମର୍ଥ ହେଉନାହାନ୍ତି ଏବଂ ସେମାନେ ପରସ୍ପର ରାଜି ହୋଇଛନ୍ତି ଯେ ସେହି ବିବାହ ବିଘଟିତ ହେବା ଉଚିତ, ଏପରି କାରଣମାନ ଯୋଗୁଁ ସେହି ବିବାହର ଉଭୟ ପକ୍ଷ ମିଳିତ ଭାବରେ ଏକ ବିବାହ ବିଚ୍ଛେଦ ଡିକ୍ରି ଦ୍ୱାରା ଉକ୍ତ ବିବାହର ବିଘଟନ ଲାଗି ଜିଲ୍ଲା ନ୍ୟାୟାଳୟରେ ଏକ ଆବେଦନ ଉପସ୍ଥାପନ କରିପାରିବେ ।

(2) ଉପଧାରା (1) ରେ ସୂଚିତ ଆବେଦନପତ୍ର ଉପସ୍ଥାପନ ହେବା ତାରିଖର ଛଅ ମାସର ପୂର୍ବବର୍ତ୍ତୀ ହୋଇ ନ ଥିବା ଏବଂ ଅଠର ମାସର ପରବର୍ତ୍ତୀ ହେଉ ନ ଥିବା ତାରିଖରେ ଉଭୟ ପକ୍ଷଙ୍କ ପ୍ରସ୍ତାବ ଉପରେ ଯଦି ଇତି ମଧ୍ୟରେ ଆବେଦନପତ୍ରଟି ପ୍ରତ୍ୟାହୃତ ହୋଇ ନ ଥିବ ତେବେ ନ୍ୟାୟାଳୟ ଉଭୟ ପକ୍ଷଙ୍କୁ ଶୁଣାଣି କରିବା ପରେ ଏବଂ ଉଚିତ ମନେ କରିବା ପ୍ରକାରେ ସେପରି ତଦନ୍ତ କରିବା ପରେ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ବିବାହ ଅନୁଷ୍ଠିତ ହୋଇଛି ଏବଂ ଆବେଦନପତ୍ରରେ ଦିଆଯାଇଥିବା ଦୃଢ଼ୋକ୍ତିଗୁଡ଼ିକ ସତ୍ୟ ଅଟେ ତେବେ ସେ ସେହି ବିବାହ ଡିକ୍ରି ତାରିଖଠାରୁ ବିଘଟିତ ହୋଇଛି ବୋଲି ଘୋଷଣା କରି ଏକ ବିବାହ ବିଚ୍ଛେଦ ଡିକ୍ରି ଦେବେ ।

ବିବାହର ଏକବର୍ଷ ମଧ୍ୟରେ ବିବାହ ବିଚ୍ଛେଦ ଲାଗି ଆବେଦନ ପତ୍ର ଉପସ୍ଥାପିତ କରାଯିବ ନାହିଁ ।

14.(1) ଏହି ଅଧିନିୟମରେ ଯାହା କିଛି ଥିବା ସତ୍ତ୍ୱେ, ଆବେଦନ ଉପସ୍ଥାପନ ତାରିଖବେଳକୁ ବିବାହ ତାରିଖ-ଠାରୁ ଏକ ବର୍ଷ ବିତି ଯାଇ ନ ଥିଲେ କୌଣସି ବିବାହ ବିଚ୍ଛେଦ ଡିକ୍ରି ଦ୍ୱାରା କୌଣସି ବିବାହର ବିଘଟନ ଲାଗି କୌଣସି ଆବେଦନପତ୍ର ଗ୍ରହଣ କରିବା ସକାଶେ କୌଣସି ନ୍ୟାୟାଳୟ ସକ୍ଷମ ହେବେ ନାହିଁ :

ପରନ୍ତୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏତଦୁପଲକ୍ଷେ ପ୍ରଣୀତ ହେବା ନିୟମାବଳୀ ଅନୁଯାୟୀ କୌଣସି ନ୍ୟାୟାଳୟଙ୍କୁ ଦିଆଯାଇଥିବା ଦରଖାସ୍ତ ଉପରେ ସେହି ନ୍ୟାୟାଳୟ, ମାମଲାଟି ଆବେଦନକାରୀଙ୍କ ପ୍ରତି ଅସାଧାରଣ କଷ୍ଟ ଜନିତ କିମ୍ବା ଜବାବଦାତା (ବା ଜବାବଦାତ୍ରୀ)ଙ୍କ ପକ୍ଷରେ ଅସାଧାରଣ ଦୁରାଚାର ଜନିତ ଏକ ମାମଲା ହୋଇଥିବା କାରଣରୁ, ବିବାହ ତାରିଖଠାରୁ ଏକ ବର୍ଷ ବିତିଯିବା ପୂର୍ବରୁ କୌଣସି ଆବେଦନପତ୍ର ଉପସ୍ଥାପନ କରିବାକୁ ମଞ୍ଜୁର କରିପାରିବେ ମାତ୍ର ମାମଲାର ସ୍ୱଭାବ ସଂପର୍କରେ କୌଣସି ମିଥ୍ୟା ପ୍ରତିବେଦନ ବା ପ୍ରଚ୍ଛାଦନ ଦ୍ୱାରା ଆବେଦନପତ୍ର ଉପସ୍ଥାପିତ କରିବା ନିମିତ୍ତ ଆବେଦନକାରୀ ଅନୁମତି ପାଇଛନ୍ତି ବୋଲି ଆବେଦନପତ୍ରର ଶୁଣାଣି ବେଳେ ଯଦି ନ୍ୟାୟାଳୟଙ୍କୁ ପ୍ରତୀତ ହୁଏ ତେବେ, ନ୍ୟାୟାଳୟ ଯଦି କୌଣସି ଡିକ୍ରି ଆଘୋଷଣା କରନ୍ତି ତାହାହେଲେ ତାହା ଏହି ସର୍ତ୍ତରେ ହେବ ଯେ ବିବାହ ତାରିଖଠାରୁ ଏକବର୍ଷ ଅବସ୍ଥାନ ନ ହେବା ପର୍ଯ୍ୟନ୍ତ ଡିକ୍ରିର ପ୍ରଭାବ ରହିବ ନାହିଁ ବା ସେ ରୂପେ ଖାରଜ ହୋଇଥିବା ଆବେଦନପତ୍ର ସମର୍ଥନରେ ଅଭିକଥିତ ତଥ୍ୟ ଭଳି ଏକା ବା ମୋଟାମୋଟି ସେହି ଏକା ତଥ୍ୟ ଉପରେ ଯେଉଁ ଆବେଦନପତ୍ର ଉକ୍ତ ଏକ ବର୍ଷର ଅବସାନ ପରେ ଅଣାଯାଇ ପାରିବ ସେହି ଆବେଦନପତ୍ର ପ୍ରତି ଆଞ୍ଚ ନ ଆଣି ଆବେଦନପତ୍ରଟି ଖାରଜ କରିପାରିବେ ।

(2) ବିବାହ ତାରିଖଠାରୁ ଏକ ବର୍ଷର ଅବସାନ ପୂର୍ବରୁ ବିବାହ ବିଚ୍ଛେଦ ଲାଗି କୌଣସି ଆବେଦନପତ୍ର ଉପ-ସ୍ଥାପିତ କରିବା ନିମିତ୍ତ ଅନୁମତି ପାଇଁ ଏହି ଧାରା ଅଧୀନରେ କୌଣସି ଦରଖାସ୍ତର ଫଏସଲା କରିବା ସମୟରେ ସେହି ନ୍ୟାୟାଳୟ ବିବାହ ଯୋଗୁଁ ଜାତ କୌଣସି ସନ୍ତାନର ସ୍ୱାର୍ଥ ପ୍ରତି ଓ ଉକ୍ତ ଏକ ବର୍ଷର ଅବସାନ ପୂର୍ବରୁ ପକ୍ଷମାନଙ୍କ ମଧ୍ୟରେ କୌଣସି ପୁନର୍ମିଳନର ଏକ ଯୁକ୍ତିଯୁକ୍ତ ସମ୍ଭାବନା ଅଛି କି ନାହିଁ ଏହି ପ୍ରଶ୍ନ ପ୍ରତି ଦୃଷ୍ଟି ଦେବେ ।

ବିବାହ ବିଚ୍ଛେଦ ଆଦେଶପ୍ରାପ୍ତ ବ୍ୟକ୍ତି-ମାନେ କେତେବେଳେ ପୁନର୍ବିବାହ କରି-ପାରିବେ ।

15. ଯେତେବେଳେ କୌଣସି ବିବାହ ଏକ ବିବାହ ବିଚ୍ଛେଦ ଡିକ୍ରି ଦ୍ୱାରା ବିଘଟିତ ହୋଇଥାଏ ଏବଂ ଏକେତ ସେହି ଡିକ୍ରି ବିରୁଦ୍ଧରେ ଅପିଲ କରିବାର କୌଣସି ଅଧିକାର ନ ଥାଏ ବା ଯଦି ଅପିଲ କରିବାର ସେଭଳି କୌଣସି ଅଧିକାର ଥାଏ ତେବେ କୌଣସି ଅପିଲ ଉପସ୍ଥାପିତ ନ ହୋଇ ଅପିଲ କରିବା ସମୟର ଅବସାନ ହୋଇଥାଏ କିମ୍ବା କୌଣସି ଅପିଲ ଉପସ୍ଥାପିତ ହୋଇ ଖାରଜ ହୋଇଯାଇଥାଏ ସେତେବେଳେ ବିବାହ ସଂପୃକ୍ତ କୌଣସି ଏକ ପକ୍ଷଙ୍କ ପକ୍ଷରେ ପୁନର୍ବିବାହ କରିବା ବିଧି ସଙ୍ଗତ ହେବ ।

ବ୍ୟର୍ଥ ଓ ବ୍ୟର୍ଥନୀୟ ବିବାହ ଜନିତ ସନ୍ତାନ-ମାନଙ୍କ ବୈଧତା ।

16.(1) ଧାରା 11 ଅନୁଯାୟୀ କୌଣସି ବିବାହ ନିଃସାର ଓ ବ୍ୟର୍ଥ ହୋଇଥିବା ସତ୍ତ୍ୱେ, ସେହି ବିବାହ ବିଧି-ମାନ୍ୟ ହୋଇଥିଲେ ସେପରି ବିବାହର ଯେଉଁ ସନ୍ତାନ ବୈଧ ହୋଇଥାଆନ୍ତା ସେ ସନ୍ତାନ ବୈଧ ହେବ, ସେ ବିବାହ ବିଧି (ସଂଶୋଧନ) ଅଧିନିୟମ, 1976 ର ପ୍ରାରମ୍ଭ ପୂର୍ବରୁ ଜନ୍ମ ହୋଇଥାଉ ବା ପରେ ଜନ୍ମ ହୋଇଥାଉ ଏବଂ ଏହି ଅଧିନିୟମ ଅନୁଯାୟୀ ସେହି ବିବାହ ସଂପର୍କରେ କୌଣସି ନିଃସାର ସୂଚକ ଡିକ୍ରି ମଞ୍ଜୁର ହୋଇଥାଉ ବା ହୋଇ ନ ଥାଉ ଏବଂ ଏହି ଅଧିନିୟମ ଅଧୀନ ଆବେଦନପତ୍ର ଭିନ୍ନ ଅନ୍ୟଥା ସେହି ବିବାହ ବ୍ୟର୍ଥ ଘୋଷିତ ହେଉ ବା ନ ହେଉ ।

(2) ଧାରା 12 ଅଧୀନ କୌଣସି ବ୍ୟର୍ଥନୀୟ ବିବାହ ସଂପର୍କରେ ଯେଉଁସ୍ଥଳେ ନିଃସାର ସୂଚକ ଡିକ୍ରି ଦିଆଯାଏ ସେହିସ୍ଥଳେ ଡିକ୍ରି ତାରିଖରେ ବିବାହଟି ନିଃସାର ହେବା ପରିବର୍ତ୍ତେ ବିଘଟିତ ହୋଇଥିଲେ ଡିକ୍ରି ଦିଆଯିବା ପୂର୍ବରୁ ଜନ୍ମ ହୋଇଥିବା ବା ଗର୍ଭାନ୍ତର୍ଗତ ହୋଇଥିବା ଯେଉଁ ସନ୍ତାନ ସଂପୃକ୍ତ ପକ୍ଷମାନଙ୍କର ବୈଧ ସନ୍ତାନ ହୋଇଥାଆନ୍ତା ସେ ନିଃସାର ସୂଚକ ଡିକ୍ରି ସତ୍ତ୍ୱେ ସେମାନଙ୍କର ବୈଧ ସନ୍ତାନ ବୋଲି ବିବେଚିତ ହେବ ।

(3) ଧାରା 12 ଅଧୀନରେ ଯେଉଁ ବିବାହ ଅସିଦ୍ଧ ହୁଏ ବା ନିଃସାର ସୂଚକ ଡିକ୍ରି ଦ୍ୱାରା ନିଃସାର ହୁଏ ସେହି ବିବାହରୁ ଜାତ ଯେଉଁ ସନ୍ତାନ, ଏହି ଅଧିନିୟମ ପ୍ରଣୀତ ହୋଇ ନ ଥିଲେ ତାହାର ପିତାମାତାଙ୍କର ଏକ ବୈଧ ସନ୍ତାନ ହୋଇ ନ ଥିବାରୁ ତାହାର ପିତାମାତାଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଙ୍କ ସଂପତ୍ତିରେ ବା ସଂପତ୍ତି ପ୍ରତି କୌଣସି ଅଧିକାର ଦଖଲ ବା ଅର୍ଜନ କରିବାରେ ଅସମର୍ଥ ହୋଇଥାନ୍ତା ସେହି ଅଧିକାର ସେହି ସନ୍ତାନ ଉପରେ ଅର୍ପଣ କରୁଥିବା ଭଳି ଉପଧାରା (1) ବା ଉପଧାରା (2) ର କୌଣସି ବିଷୟକୁ ଅର୍ଥାନ୍ୱୟନ କରାଯିବ ନାହିଁ ।

ଦ୍ୱିବିବାହ ସମ୍ପର୍କରେ ଦଣ୍ଡ ।

17 ଯଦି ଏହି ଅଧିନିୟମର ପ୍ରାରମ୍ଭ ପରେ ଅନୁଷ୍ଠିତ ହୋଇଥିବା ଦୁଇଜଣ ହିନ୍ଦୁଙ୍କ ମଧ୍ୟରେ କୌଣସି ବିବାହର ଯେକୌଣସି ପକ୍ଷଙ୍କ ପତି ବା ପତ୍ନୀ ଉକ୍ତ ବିବାହ ତାରିଖରେ ଜୀବିତ ଥାଆନ୍ତି ତେବେ ଉକ୍ତ ବିବାହ ଅସିଦ୍ଧ ଅଟେ, ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା 494 ଓ 495 ର ଉପବନ୍ଧଗୁଡ଼ିକ ତଦନୁସାରେ ପ୍ରଯୋଜ୍ୟ ହେବ ।

କୌଣସି ହିନ୍ଦୁ ବିବାହ ନିମନ୍ତେ ଥିବା ଅନ୍ୟ କେତେକ ସର୍ତ୍ତର ଉଲ୍ଲଂଘନଲାଗି ଦଣ୍ଡ ।

18. ଧାରା 5 ର ଖଣ୍ଡ (iii), (iv) ଓ (v)ରେ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀଗୁଡ଼ିକୁ ଉଲ୍ଲଂଘନ କରି ଯେଉଁ ବ୍ୟକ୍ତି ନିଜେ ଏହି ଅଧିନିୟମ ଅନୁଯାୟୀ କୌଣସି ବିବାହ ଅନୁଷ୍ଠିତ କରାଇଥାଆନ୍ତି, ସେ:—

(କ) ଧାରା 5ର ଖଣ୍ଡ (iii)ରେ ବିନିର୍ଦ୍ଦିଷ୍ଟ ସର୍ତ୍ତର କୌଣସି ଉଲ୍ଲଂଘନ ସ୍ଥଳେ ପନ୍ଦର ଦିନ ପର୍ଯ୍ୟନ୍ତ ଅଶ୍ରମ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ,

(ଖ) ଧାରା 5ର ଖଣ୍ଡ(iv) ବା (v)ରେ ବିନିର୍ଦ୍ଦିଷ୍ଟ ସର୍ତ୍ତର କୌଣସି ଉଲ୍ଲଂଘନସ୍ଥଳେ ଏକ ମାସ ପର୍ଯ୍ୟନ୍ତ ଅଶ୍ରମ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

## ଅଧିକାରିତା ଓ ପ୍ରକ୍ରିୟା

କେଉଁ ନ୍ୟାୟାଳୟରେ ଆବେଦନପତ୍ର ଉପସ୍ଥାପନ କରାଯିବ ।

19. ଏହି ଅଧିନିୟମ ଅଧୀନ ପ୍ରତ୍ୟେକ ଆବେଦନ ସେହି ଜିଲ୍ଲା ନ୍ୟାୟାଳୟରେ ଉପସ୍ଥାପନ କରାଯିବ, ଯେଉଁ ଜିଲ୍ଲା ନ୍ୟାୟାଳୟଂକ ମାମୁଲିମୂଳ ସିଭିଲ ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ—

(i) ବିବାହ ଅନୁଷ୍ଠିତ ହୋଇଥିଲା, ବା

(ii) ଆବେଦନପତ୍ର ଉପସ୍ଥାପନ ସମୟରେ ଜବାବଦାତା ବାସ କରୁଥାଆନ୍ତି, ବା

(iii) ବିବାହର ପକ୍ଷମାନେ ଶେଷଥର ଏକତ୍ରବାସ କରୁଥିଲେ, ବା

(iv) ଆବେଦନପତ୍ର ଉପସ୍ଥାପନ ସମୟରେ ଆବେଦନକାରୀ ବାସ କରୁଥାଆନ୍ତି, ଯେଉଁ ସ୍ଥଳେକି ସେହି ସମୟରେ ଜବାବଦାତା ଏହି ଅଧିନିୟମ ଯେଉଁ ରାଜ୍ୟକ୍ଷେତ୍ର ପ୍ରତି ବିସ୍ତାରିତ ତାହା ବାହାରେ ବାସ କରୁଥାଆନ୍ତି ବା ସେ ଜୀବିତ ଥିଲେ ଯେଉଁ ବ୍ୟକ୍ତିମାନେ ତାହାଙ୍କ ବିଷୟରେ ସ୍ୱଭାବତଃ ଶୁଣିବାକୁ ପାଆନ୍ତେ ସେମାନେ ସାତ ବର୍ଷ ବା ଅଧିକ କାଳାବଧି ଲାଗି ସେ ଜୀବିତ ଥିବା ବିଷୟ ଶୁଣିନାହାନ୍ତି ।

ଆବେଦନପତ୍ରର ବିଷୟବସ୍ତୁ ଓ ସତ୍ୟାପନ ।

20. (1) ଏହି ଅଧିନିୟମ ଅଧୀନରେ ଉପସ୍ଥାପିତ ପ୍ରତ୍ୟେକ ଆବେଦନପତ୍ର ମାମଲାର ସ୍ୱଭାବକୁ ସୁହାଇବା ଭଳି ସ୍ପଷ୍ଟଭାବେ, ଯେଉଁ ତଥ୍ୟ ଉପରେ ଅନୁତୋଷର ଦାବି ଆଧାରିତ ତାହା ବ୍ୟକ୍ତ କରିବ ଏବଂ ଧାରା 11 ଅଧୀନ ଆବେଦନପତ୍ର ଭିନ୍ନ ଅନ୍ୟ ସମସ୍ତ ଆବେଦନପତ୍ର ସେହି ବିବାହରେ ସଂପୃକ୍ତ ଆବେଦନକାରୀ ଓ ଅନ୍ୟ ପକ୍ଷଂକ ମଧ୍ୟରେ କୌଣସି ଦୁରଭିସଂଧି ନାହିଁବୋଲି ମଧ୍ୟ ବ୍ୟକ୍ତ କରିବ ।

(2) ବାଦପତ୍ରର ସତ୍ୟାପନ ଲାଗି ବିଧି ଦ୍ୱାରା ଆବଶ୍ୟକ ହେଉଥିବା ରୀତିରେ ଆବେଦନକାରୀ ବା ଅନ୍ୟ କୌଣସି ସକ୍ଷମ ବ୍ୟକ୍ତିଙ୍କ ଦ୍ୱାରା ଏହି ଅଧିନିୟମ ଅଧୀନ ପ୍ରତ୍ୟେକ ଆବେଦନପତ୍ରରେ ଥିବା ବିବୃତିଗୁଡ଼ିକ, ସତ୍ୟାପିତ ହେବ ଏବଂ ତାହା ଶୁଣାଣିବେଳେ ସାକ୍ଷ୍ୟରୂପେ ସୂଚିତ ହୋଇ ପାରିବ ।

1908ର ଅଧିନିୟମ 5ର ପ୍ରୟୋଗ ।

21. ଏହି ଅଧିନିୟମରେ ଥିବା ଅନ୍ୟ ଉପବଂଧଗୁଡ଼ିକ ପ୍ରତି ଏବଂ ଏତଦୁପଲକ୍ଷେ ଉଚ୍ଚ ନ୍ୟାୟାଳୟ ପ୍ରଣୀତ କରିବା ନିୟମାବଳୀ ପ୍ରତି ସାପେକ୍ଷ ହୋଇ ଏହି ଅଧିନିୟମ ଅଧୀନ ସମସ୍ତ କାର୍ଯ୍ୟବିଧି ଯେତେଦୂର ସମ୍ଭବ ସେତେଦୂର ସିଭିଲ ପ୍ରକ୍ରିୟା ସଂହିତା 1908ଦ୍ୱାରା ବିନିୟମିତହେବ ।

କେତେକ ମାମଲାରେ ଆବେଦନପତ୍ର ଅନ୍ତରଣ କରିବା କ୍ଷମତା ।

21କ. (1) ଯେଉଁ ସ୍ଥଳେ—

(କ) ଧାରା 10 ଅନୁଯାୟୀ ନ୍ୟାୟିକ ପୃଥକ୍‌କରଣ ଲାଗି ଏକ ଡିକ୍ରି ନିମନ୍ତେ ବା ଧାରା 13 ଅନୁଯାୟୀ ଏକ ବିବାହ ବିଚ୍ଛେଦ ଡିକ୍ରି ନିମନ୍ତେ ପ୍ରାର୍ଥନା କରି ବିବାହର କୌଣସି ଏକ ପକ୍ଷଙ୍କଦ୍ୱାରା ଅଧିକାରିତା ଥିବା କୌଣସି ଜିଲା ନ୍ୟାୟାଳୟଂକ ନିକଟରେ ଏହି ଅଧିନିୟମ ଅନୁଯାୟୀ ଏକ ଆବେଦନପତ୍ର ଉପସ୍ଥାପନ କରାଯାଇଥାଏ, ଏବଂ

(ଖ) ତାହାପରେ ଧାରା 10 ଅନୁଯାୟୀ ନ୍ୟାୟିକ ପୃଥକ୍‌କରଣ ଲାଗି ଏକ ଡ଼ିକ୍ରି ନିମନ୍ତେ ବା ଧାରା 13 ଅନୁଯାୟୀ ଏକବିବାହ ବିଚ୍ଛେଦ ଡ଼ିକ୍ରି ନିମନ୍ତେ ପ୍ରାର୍ଥନା କରି ବିବାହର ଅନ୍ୟ ପକ୍ଷଙ୍କ ଦ୍ୱାରା ସେହି ଏକା ଜିଲ୍ଲା ନ୍ୟାୟାଳୟରେ କିମ୍ବା ସେହି ଏକା ରାଜ୍ୟରେ ବା ଭିନ୍ନ ରାଜ୍ୟରେ ଥିବା ଏକ ଭିନ୍ନ ଜିଲ୍ଲା ନ୍ୟାୟାଳୟଂକ ନିକଟରେ ଯେକୌଣସି କାରଣ ଉପରେ ଏହି ଅଧିନିୟମ ଅନୁଯାୟୀ ଅନ୍ୟ ଏକ ଦରଖାସ୍ତ ଉପସ୍ଥାପିତ କରାଯାଇଥାଏ:—

ସେହିସ୍ଥଳେ ସେହି ଦରଖାସ୍ତ ଗୁଡ଼ିକୁ ଉପଧାରା (2)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ପ୍ରକାରେ କାର୍ଯ୍ୟକାରୀ କରାଯିବ ।

(୨) ଯେଉଁ ସ୍ଥଳେ ଉପଧାରା (1) ପ୍ରଯୋଜ୍ୟ ହୁଏ ସେହିସ୍ଥଳେ—

(କ) ଯଦି ସେହି ଆବେଦନପତ୍ରଗୁଡ଼ିକ ସେହି ଏକା ଜିଲ୍ଲା ନ୍ୟାୟାଳୟଙ୍କ ନିକଟରେ ଉପସ୍ଥାପିତ କରାଯାଏ ତେବେ ଉଭୟ ଆବେଦନପତ୍ର ସେହି ଜିଲ୍ଲା ନ୍ୟାୟାଳୟଂକ ଦ୍ୱାରା ଏକତ୍ର ବିଗ୍ଚର କରାଯିବ ଓ ଶୁଣାଣି ହେବ,

(ଖ) ଯଦି ସେହି ଆବେଦନଗୁଡ଼ିକ ଭିନ୍ନ ଭିନ୍ନ ଜିଲ୍ଲା ନ୍ୟାୟାଳୟଂକ ନିକଟରେ ଉପସ୍ଥାପିତ କରାଯାଏ ତେବେ ପରେ ଉପସ୍ଥାପିତ କରାଯାଇଥିବା ଆବେଦନପତ୍ର ପୂର୍ବ ଦରଖାସ୍ତ ଉପସ୍ଥାପିତ ହୋଇଥିବା ଜିଲ୍ଲା ନ୍ୟାୟାଳୟଙ୍କ ନିକଟକୁ ଅନ୍ତରିତ କରାଯିବ ଏବଂ ପୂର୍ବ ଦରଖାସ୍ତ ଯେଉଁ ଜିଲ୍ଲା ନ୍ୟାୟାଳୟରେ ଉପସ୍ଥାପିତ କରାଯାଇଥିଲା ତାହାଂକ ଦ୍ୱାରା ଏକତ୍ର ଶୁଣାଣି ଓ ଫଏସଲା ହେବ ।

(3) ଯେଉଁସ୍ଥଳେ ଉପଧାରା (୨) ର ଖଣ୍ଡ (ଖ) ପ୍ରଯୋଜ୍ୟ ହୁଏ ସେହିସ୍ଥଳେ ଯେଉଁ ଜିଲ୍ଲା ନ୍ୟାୟାଳୟଙ୍କ ନିକଟରେ ପରବର୍ତ୍ତୀ ଆବେଦନପତ୍ର ଉପସ୍ଥାପିତ କରାଯାଇଥାଏ ତହିଁରୁ ପୂର୍ବବର୍ତ୍ତୀ ଦରଖାସ୍ତ ବିଗ୍ଚରାଧୀନ ଥିବା ଜିଲ୍ଲା ନ୍ୟାୟାଳୟ ନିକଟକୁ କୌଣସି ମକଦ୍ଦମା ବା କାର୍ଯ୍ୟବିଧି ଅନ୍ତରିତ କରିବା ନିମିତ୍ତ ସିଭିଲ ପ୍ରକ୍ରିୟା ସଂହିତା 1908 ଅନୁଯାୟୀ ସକ୍ଷମ ନ୍ୟାୟାଳୟ ବା, ଯଥାସ୍ଥିତି, ସରକାର ସେପରି ପରବର୍ତ୍ତୀ ଆବେଦନପତ୍ରକୁ ଅନ୍ତରିତ କରିବାକୁ ସତେ ଯେପରି ସେହି ନ୍ୟାୟାଳୟ ଉକ୍ତ ସଂହିତା ଅଧୀନରେ ତାହା କରିବାକୁ କ୍ଷମତାପନ୍ନ ହୋଇଥିଲେ ସେହିପରି ତାହାଙ୍କର କ୍ଷମତା ପ୍ରୟୋଗ କରିବେ ।

ଏହି ଅଧିନିୟମ ଅନୁଯାୟୀ ଆବେଦନ-ପତ୍ର ବିଗ୍ଚର କରିବା ଓ ଫଏସଲା କରିବା ସଂପର୍କିତ ସ୍ୱତନ୍ତ୍ର ଉପବଂଧ ।

21ଖ. (1) ଏହି ଅଧିନିୟମ ଅନୁଯାୟୀ ହୋଇଥିବା ଏକ ଆବେଦନର ବିଗ୍ଚର ସଂପର୍କରେ ଯଥାସମ୍ଭବ ନ୍ୟାୟପାଳନର ସ୍ୱାର୍ଥ ପ୍ରତି ସଙ୍ଗତି ରକ୍ଷାକରି ଉକ୍ତ ବିଗ୍ଚର, ସରିବା ଯାଏଁ ପ୍ରତିଦିନ ଗ୍ଚଲୁରହିବ, ମାତ୍ର ଯଦି ସେହି ବିଗ୍ଚର ପରବର୍ତ୍ତୀ ଦିନ ବାହାରେ କୌଣସି ଦିନକୁ ମୁଲତବି ରଖିବାକୁ ନ୍ୟାୟାଳୟ ଆବଶ୍ୟକ ମନେ କରନ୍ତି ତେବେ ତାହାର କାରଣ ଲିପିବଦ୍ଧ କରିବେ ।

(2) ଏହି ଅଧିନିୟମ ଅଧୀନ ପ୍ରତ୍ୟେକ ଆବେଦନପତ୍ର ଯଥାଶୀଘ୍ର, ସମ୍ଭବ ବିଗ୍ଚର କରାଯିବ ଏବଂ ଜବାବଦାତାଙ୍କ ଉପରେ ଆବେଦନପତ୍ରର ନୋଟିସ ଜାରି ତାରିଖ ଠାରୁ ଛଅ ମାସ ମଧ୍ୟରେ ସମାପ୍ତ କରିବାକୁ ପ୍ରଚେଷ୍ଟା କରାଯିବ ।

(3) ଏହି ଅଧିନିୟମ ଅଧୀନ ପ୍ରତ୍ୟେକ ଅପିଲର ଯଥା ଶୀଘ୍ର ସମ୍ଭବ ଶୁଣାଣି ହେବ ଏବଂ ଜାବାବ-ଦାତାଙ୍କ ଉପରେ ଅପିଲର ନୋଟିସ ଜାରି ତାରିଖଠାରୁ ତିନିମାସ ମଧ୍ୟରେ ସେହି ଶୁଣାଣି ସମାପ୍ତ କରିବାକୁ ପ୍ରଚେଷ୍ଟା କରାଯିବ ।

ଦସ୍ତାବିଜୀ ସାକ୍ଷ୍ୟ

21. ଗ. ବିପରୀତରେ ଯେକୌଣସି ଅଧିନିୟମନରେ ଯାହାକିଛି ଥିବା ସତ୍ତ୍ୱେ ଏହି ଅଧିନିୟମ ଅଧୀନ ଆବେଦନପତ୍ରର ବିଗ୍ଚର ବେଳେ କୌଣସି କାର୍ଯ୍ୟବିଧିରେ, କୌଣସି ଦସ୍ତାବିଜ, ତାହାକୁ ଯଥୋଚିତ ଭାବେ ଷ୍ଟାଂପ କରାଯାଇ ନାହିଁ ବା ରେଜେଷ୍ଟ୍ରୀ କରାଯାଇ ନାହିଁ ବୋଲି ଏହି କାରଣ ଉପରେ ସାକ୍ଷ୍ୟ ପାଇଁ ଅଗ୍ରାହ୍ୟ ହେବ ନାହିଁ ।

କାର୍ଯ୍ୟବିଧି ଖାସ କାମେରାରେ ହେବ ଏବଂ ତାହାକୁ ମୁଦ୍ରିତ ବା ପ୍ରକାଶିତ କରାଯାଇ ପାରିବ ନାହିଁ ।

22. (1) ଏହି ଅଧିନିୟମ ଅଧୀନ ପ୍ରତ୍ୟେକ କାର୍ଯ୍ୟବିଧି ଖାସ କାମେରାରେ ପରିଗ୍ଚଳିତ ହେବ ଏବଂ ନ୍ୟାୟାଳୟଙ୍କ ପୂର୍ବ ଅନୁମତି କ୍ରମେ ମୁଦ୍ରିତ ବା ପ୍ରକାଶିତ ହୋଇଥିବା ଉଚ୍ଚ ନ୍ୟାୟାଳୟ ବା ଉଚ୍ଚତମ ନ୍ୟାୟାଳୟଙ୍କ ରାୟକୁ ଛାଡି ସେପରି କାର୍ଯ୍ୟବିଧି ସଂପର୍କିତ କୌଣସି ବିଷୟକୁ ମୁଦ୍ରିତ ବା ପ୍ରକାଶିତ କରିବା କୌଣସି ବ୍ୟକ୍ତିଙ୍କ ପକ୍ଷରେ ବିଧିସମ୍ମତ ହେବନାହିଁ ।

(୨) ଯଦି କୌଣସି ବ୍ୟକ୍ତି ଉପଧାରା (1) ର ଉପବନ୍ଧଗୁଡ଼ିକୁ ଉଲ୍ଲଂଘନ କରି କୌଣସି ବିଷୟ ମୁଦ୍ରିତ ବା ପ୍ରକାଶିତ କରନ୍ତି ତେବେ ସେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

କାର୍ଯ୍ୟବିଧିରେ ଡିକ୍ରି

23. (1) ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ ପ୍ରତିରକ୍ଷା କରାଯାଇଥାଉ ବା ଯାଇ ନଥାଉ ଯଦି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ—

(କ) ଅନୁତୋଷ ମଞ୍ଜୁର କରିବା ଲଗି କୌଣସି ଏକ କାରଣ ଅଛି ଏବଂ ସେଭଳି ପ୍ରତିକାର ଉଦ୍ଦେଶ୍ୟରେ ଆବେଦନକାରୀ ଧାରା 5 ର ଖଣ୍ଡ (ii) ର ଉପଖଣ୍ଡ (କ), ଉପଖଣ୍ଡ (ଖ) ବା ଉପଖଣ୍ଡ (ଗ) ରେ ବିନିର୍ଦ୍ଦିଷ୍ଟ କାରଣ ଉପରେ ତାହାଙ୍କ ଦ୍ୱାରା ଯେଉଁ ସ୍ଥଳେ ଅନୁତୋଷ ଯାଚ୍ଞା କରାଯାଏ ସେହିସ୍ଥଳ ଭିନ୍ନ ଅନ୍ୟଥା ତାହାଙ୍କର ନିଜ ଭୁଲ ବା ଅସାମର୍ଥ୍ୟର ସୁଯୋଗ ଅନ୍ୟ କୌଣସି ଉପାୟରେ ଗ୍ରହଣ କରୁ ନାହାନ୍ତି, ଏବଂ

(ଖ) ଯେଉଁସ୍ଥଳେ ସେହି ଆବେଦନର କାରଣ ଧାରା 13 ର ଉପଧାରା (1) ର ଖଣ୍ଡ (i) ରେ ବିନିର୍ଦ୍ଦିଷ୍ଟ କାରଣ ହୋଇଥାଏ ସେହି ସ୍ଥଳେ ଆବେଦନକାରୀ ଫରିଆଦ କରାଯାଇଥିବା କୃତ୍ୟ ବା କୃତ୍ୟ ସମୂହ ପ୍ରତି କୌଣସି ରୀତିରେ ସହାୟକ ବା ମୌନାନୁକୂଳ ହୋଇନାହାନ୍ତି ବା ମାଫ କରିନାହାନ୍ତି କିମ୍ବା ଯେଉଁ ସ୍ଥଳେ ଆବେଦନର କାରଣ ନିଷ୍ଠୁରତା ହୋଇଥାଏ ସେହିସ୍ଥଳେ ଆବେଦନକାରୀ କୌଣସି ରୀତିରେ ନିଷ୍ଠୁରତାକୁ ମାଫ କରିନାହାନ୍ତି, ଏବଂ

(ଖଖ) ଯେତେବେଳେ କୌଣସି ବିବାହ ବିଚ୍ଛେଦ ପାରସ୍ପରିକ ସମ୍ମତି ଉପରେ ଯାଚଞ୍ଚା କରାଯାଏ ସେତେବେଳେ ସେପରି ସମ୍ମତି ବଳପ୍ରୟୋଗ, କପଟ ବା ଅନୁଚିତ ପ୍ରଭାବ ଦ୍ୱାରା ହାସଲ କରାଯାଇନଥାଏ, ଏବଂ

(ଗ) ଜବାବଦାତାଙ୍କ ସହିତ ଦୂରଭିସନ୍ଧି ରଖି (ଧାରା 11 ଅନୁଯାୟୀ ଉପସ୍ଥାପିତ ଏକ ଆବେଦନ-ପତ୍ର ହୋଇନଥିବା) ଆବେଦନ ଉପସ୍ଥାପିତ କରାଯାଇନାହିଁ ବା ଅଭିଯୋଜନ କରାଯାଇନାହିଁ, ଏବଂ

(ଘ) ସେହି କାର୍ଯ୍ୟବିଧି ସଂସ୍ଥିତ କରିବାରେ କୌଣସି ଅନାବଶ୍ୟକ ବା ଅନୁଚିତ ବିଳମ୍ବ ହୋଇନାହିଁ, ଏବଂ

(ଙ) ଅନୁତୋଷ କାହିଁକି ମଞ୍ଜୁର କରାହେବା ଉଚିତ ନୁହେଁ ବୋଲି ଅନ୍ୟ କୌଣସି ବୈଧ କାରଣ ନାହିଁ,

ତାହାହେଲେ ସେପରି କୌଣସି ମାମଲରେ ସେହି ନ୍ୟାୟାଳୟ ତଦନୁସାରେ ସେଭଳି ଅନୁତୋଷ ପାଇଁ ଡ଼ିକ୍ରି ଦେବେ କିନ୍ତୁ ଅନ୍ୟଥା ନୁହେଁ ।

(2) ଏହି ଅଧିନିୟମ ଅନୁଯାୟୀ କୌଣସି ଅନୁତୋଷ ମଞ୍ଜୁର କରିବାକୁ ଅଗ୍ରସର ହେବା ପୂର୍ବରୁ ପ୍ରତ୍ୟେକ କ୍ଷେତ୍ରରେ ମାମଲାର ସ୍ୱଭାବ ଓ ପରିସ୍ଥିତି ସହିତ ସଙ୍ଗତିରଖି ଯେଉଁଠାରେ ସମ୍ଭବ ହୁଏ ପ୍ରଥମେ ପକ୍ଷମାନଙ୍କ ମଧ୍ୟରେ ମିଳାମିଶା କରାଇବାକୁ ପ୍ରଚେଷ୍ଟା କରିବା ନ୍ୟାୟାଳୟଙ୍କର କର୍ତ୍ତବ୍ୟ ହେବ :

ପରନ୍ତୁ ଏହି ଉପଧାରାରେ ଥିବା କୌଣସି ବିଷୟ ଯେଉଁ କାର୍ଯ୍ୟବିଧିରେ ଧାରା 13 ର ଉପଧାରା (1) ର ଖଣ୍ଡ (ii), ଖଣ୍ଡ (iii), ଖଣ୍ଡ (iv), ଖଣ୍ଡ (V), ଖଣ୍ଡ (vi) ବା ଖଣ୍ଡ (vii) ରେ ବିନିର୍ଦ୍ଦିଷ୍ଟ ଯେକୌଣସି କାରଣ ଉପରେ ଅନୁତୋଷ ଯାଚଞ୍ଚା କରାଯାଏ ତାହାପ୍ରତି ପ୍ରଯୋଜ୍ୟ ହେବ ନାହିଁ ।

(3) ସେପରି ମିଳାମିଶା କରାଇବାରେ ନ୍ୟାୟାଳୟଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଯଦି ପକ୍ଷମାନେ ସେପରି ଇଚ୍ଛା କରନ୍ତି ବା ନ୍ୟାୟାଳୟ ସେପରି କରିବାକୁ ନ୍ୟାୟ ସଙ୍ଗତ ଓ ଉଚିତ ମନେ କରନ୍ତି ତେବେ ସେହି ନ୍ୟାୟାଳୟ ପନ୍ଦର ଦିନରୁ ଅଧିକ ହେଉ ନଥିବା ଏକ ଯୁକ୍ତିଯୁକ୍ତ କାଳାବଧି ଲାଗି କାର୍ଯ୍ୟବିଧିକୁ ମୁଲତବି କରିପାରିବେ ଏବଂ ଏତଦୁପଲକ୍ଷେ ପକ୍ଷମାନଙ୍କ ଦ୍ୱାରା ନାମିତ କୌଣସି ବ୍ୟକ୍ତିଙ୍କ ନିକଟକୁ କିମ୍ବା ଯଦି ପକ୍ଷମାନେ କୌଣସି ବ୍ୟକ୍ତିଙ୍କୁ ନାମିତ କରିବାରେ ଅସଫଳ ହୁଅନ୍ତି ତେବେ ନ୍ୟାୟାଳୟଙ୍କ ଦ୍ୱାରା ମନୋନୀତ କୌଣସି ବ୍ୟକ୍ତିଙ୍କ ନିକଟକୁ ମିଳାମିଶା କରାଯାଇ ପାରିବ କି ନାହିଁ ଓ କରାଯାଇଛି କି ନାହିଁ ବୋଲି ସେ ବିଷୟରେ ନ୍ୟାୟାଳୟଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇ ବିଷୟଟିକୁ ପଠାଇ ପାରିବେ ଏବଂ ସେହି ନ୍ୟାୟାଳୟ ସେହି କାର୍ଯ୍ୟବିଧିକୁ ଫଏସଲା କରିବାରେ ସେହି ରିପୋର୍ଟ ପ୍ରତି ଯଥୋଚିତ ଧ୍ୟାନ ଦେବେ ।

(4) ଯେଉଁ ସ୍ଥଳେ କୌଣସି ବିବାହକୁ ଏକ ବିବାହ ବିଚ୍ଛେଦ ଡ଼ିକ୍ରି ଦ୍ୱାରା ବିଘଟିତ କରାଯାଏ ସେପରି ପ୍ରତ୍ୟେକସ୍ଥଳେ ଡ଼ିକ୍ରି ଦେଉଥିବା ନ୍ୟାୟାଳୟ ତାହାର ଏକ ପ୍ରତିଲିପି ପ୍ରତ୍ୟେକ ପକ୍ଷଙ୍କୁ ମାଗଣାରେ ଦେବେ ।

ବିବାହ ବିଚ୍ଛେଦ ଓ ଅନ୍ୟ କାର୍ଯ୍ୟବିଧିରେ ଜବାବଦାତାଙ୍କ ଲାଗି ଅନୁତୋଷ ।

23. କ. ବିବାହ ବିଚ୍ଛେଦ ବା ନ୍ୟାୟିକ ପୃଥକ୍‌କରଣ ବା ଦାଂପତ୍ୟ ଅଧିକାରର ପୁନଃସ୍ଥାପନ ଲାଗି କୌଣସି କାର୍ଯ୍ୟବିଧିରେ ଜବାବଦାତା ସେ କେବଳ ଆବେଦନକାରୀଙ୍କ ବ୍ୟଭିଚାରିତା, ନିଷ୍ଠୁରତା ବା ପରିତ୍ୟଜନ ସଂପର୍କିତ କାରଣ ଉପରେ ଯାଚଞ୍ଚା କରାଯାଇଥିବା ଅନୁତୋଷକୁ ବିରୋଧ କରିପାରିବେ ତାହା ନୁହେଁ ବରଂ ସେହି କାରଣ ଉପରେ ଏହି ଅଧିନିୟମ ଅନୁଯାୟୀ କୌଣସି ଅନୁତୋଷ ଲାଗି ପ୍ରତିଦାବି ମଧ୍ୟ କରିପାରିବେ ଏବଂ ଯଦି ଆବେଦନକାରୀଙ୍କ ବ୍ୟଭିଚାରିତା, ନିଷ୍ଠୁରତା ବା ପରିତ୍ୟଜନ ପ୍ରମାଣିତ ହୁଏ ତାହାହେଲେ ନ୍ୟାୟାଳୟ ଏହି ଅଧିନିୟମ ଅଧୀନ ଯେଉଁ ପ୍ରତିକାର ଲାଗି ସେହି ଜବାବଦାତା ସେହି କାରଣ ଉପରେ ସେପରି ଅନୁତୋଷ ଯାଚଞ୍ଚା କରି ଆବେଦନପତ୍ର ଉପସ୍ଥାପିତ କରିଥିଲେ ସେ ଏହି ଅଧିନିୟମ ଅନୁଯାୟୀ ଯେଉଁ ଅନୁତୋଷ ପାଇଁ ହକ୍‌ଦାର ହୋଇଥାଆନ୍ତେ ନ୍ୟାୟାଳୟ ତାହାକୁ ସେହି ଅନୁତୋଷ ଦେଇପାରିବେ ।

**ବାଦକାଳୀନ ଭରଣପୋଷଣ ଓ କାର୍ଯ୍ୟବିଧିର ବ୍ୟୟ ।**

24. ଯେଉଁ ସ୍ଥଳେ ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ ନ୍ୟାୟାଳୟଙ୍କୁ ଏହା ପ୍ରତୀତ ହୁଏ ଯେ ପତ୍ନୀ ବା, ଯଥାସ୍ଥିତି ପତିଙ୍କର କୌଣସି ସ୍ୱତନ୍ତ୍ର ଆୟ ନାହିଁ ଯାହା ତାହାଙ୍କ ଅବଲମ୍ବନ ଲାଗି ଏବଂ କାର୍ଯ୍ୟବିଧିର ଆବଶ୍ୟକୀୟ ବ୍ୟୟ ପାଇଁ ପର୍ଯ୍ୟାପ୍ତ ସେହି ସ୍ଥଳେ ତାହା ପତ୍ନୀ ବା ପତିଙ୍କ ଦରଖାସ୍ତ ଉପରେ ନ୍ୟାୟାଳୟ ଆବେଦନକାରୀଙ୍କ ନିଜ ଆୟ ଓ ଜବାବଦାତାଙ୍କ ଆୟକୁ ଦୃଷ୍ଟିରେ ରଖି ତାହାଙ୍କୁ ଯୁକ୍ତିଯୁକ୍ତ ମନେ ହେବା ମତେ କାର୍ଯ୍ୟବିଧିର ବ୍ୟୟ ଏବଂ କାର୍ଯ୍ୟବିଧି ସମୟରେ ମାସିକ ସେ ଭଳି ଏକ ଧନରାଶି ଆବେଦନକାରୀଙ୍କୁ ଦେବା ନିମିତ୍ତ ଜବାବଦାତାଙ୍କୁ ଆଦେଶ ଦେଇ ପାରିବେ ।

**ସ୍ଥାୟୀ ଖୋରାକ-ପୋଷାକ ଓ ଭରଣ ପୋଷଣ ।**

25. (1) ଏହି ଅଧିନିୟମ ଅନୁଯାୟୀ ଅଧିକାରିତା ପ୍ରୟୋଗ କରୁଥିବା କୌଣସି ନ୍ୟାୟାଳୟ ଏକେତ ପତ୍ନୀଙ୍କ ଦ୍ୱାରା ବା, ଯଥାସ୍ଥିତି, ପତିଙ୍କ ଦ୍ୱାରା ସେହି ଉଦ୍ଦେଶ୍ୟରେ ତାହାଙ୍କୁ ଦିଆଯାଇଥିବା ଆବେଦନପତ୍ର ଉପରେ କୌଣସି ଡ଼ିକ୍ରି ଦେବା ସମୟରେ ବା ତାହାର ପରବର୍ତ୍ତୀ ଯେକୌଣସି ସମୟରେ ଆଦେଶ ଦେଇ ପାରିବେ ଯେ ଜବାବଦାତା ବା ଜବାବଦାତ୍ରୀ, ଦରଖାସ୍ତକାରୀଙ୍କୁ ତାହାଙ୍କ ଭରଣ ପୋଷଣ ଓ ଅବଲମ୍ବନ ଲାଗି ସେହି ନ୍ୟାୟାଳୟଙ୍କୁ ନ୍ୟାୟସଙ୍ଗତ ମନେ ହେବା ମତେ ଜବାବଦାତାଙ୍କ ନିଜ ଆୟ ଓ ଅନ୍ୟ ସଂପତ୍ତି ଯଦି ଥାଏ ତେବେ ତାହାପ୍ରତି, ଦରଖାସ୍ତକାରୀଙ୍କ ଆୟ ଓ ଅନ୍ୟ ସଂପତ୍ତି, ସେହି ପକ୍ଷମାନଙ୍କ ଆଚରଣ ଓ ମାମଲାର ଅନ୍ୟ ପରିସ୍ଥିତି ପ୍ରତି ଦୃଷ୍ଟିରଖି ସେଭଳି ମୋଟ ଧନରାଶି ବା ସେଭଳି ମାସିକ ବା କାଳିକ ଧନରାଶି ଦରଖାସ୍ତକାରୀଙ୍କ ଜୀବନକାଳଠାରୁ ଅଧିକ ହେଉନଥିବା ଏକ ସମୟ ପର୍ଯ୍ୟନ୍ତ ପ୍ରଦାନ କରିବେ ଏବଂ ଯଦି ଆବଶ୍ୟକ ହୁଏ ତେବେ ଜବାବଦାତାଙ୍କ ସ୍ଥାବର ସଂପତ୍ତି ଉପରେ ଏକ ଚାର୍ଜ ଦ୍ୱାରା ସେପରି ପ୍ରଦାନକୁ ସୁରକ୍ଷିତ କରାଯାଇପାରିବ ।

(2) ଯଦି ସେହି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ, ଉପଧାରା (1) ଅନୁଯାୟୀ ଏକ ଆଦେଶ ଦେବା ପରେ କୌଣସି ସମୟରେ କୌଣସି ଏକ ପକ୍ଷଙ୍କ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିଛି ତେବେ କୌଣସି ଏକ ପକ୍ଷଙ୍କ ଅନୁରୋଧକ୍ରମେ ସେହି ନ୍ୟାୟଳୟକୁ ଯେପରି ଉଚିତ ମନେହେବ ସେପରି ରୀତିରେ ସେଭଳି କୌଣସି ଆଦେଶକୁ ସେ ପରିବର୍ତ୍ତିତ, ରୂପଭେଦିତ ବା ବିଖଣ୍ଡିତ କରିପାରିବ ।

(3) ଯଦି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଏହି ଧାରା ଅନୁଯାୟୀ ଯେଉଁ ପକ୍ଷଙ୍କ ଅନୁକୂଳରେ ଆଦେଶ ଦିଆଯାଇଅଛି ସେ ପୁନର୍ବିବାହ କରିଛନ୍ତି ବା ଯଦି ସେହି ପକ୍ଷ ପତ୍ନୀ ହୋଇଥାନ୍ତି ତେବେ ସେ ସତୀତ୍ୱ ରକ୍ଷା କରିନଥାନ୍ତି ବା ଯଦି ସେହି ପକ୍ଷ ପତି ହୋଇଥାନ୍ତି ତେବେ ସେ ବିବାହ ବନ୍ଧନ ବାହାରେ କୌଣସି ନାରୀ ସହିତ ସହବାସ କରିଛନ୍ତି ତେବେ ସେ ଅନ୍ୟ ପକ୍ଷଙ୍କ ଅନୁରୋଧ କ୍ରମେ ସେହି ନ୍ୟାୟଳୟକୁ ନ୍ୟାୟ ସଙ୍ଗତ ମନେ ହେବା ରୀତିରେ ସେଭଳି କୌଣସି ଆଦେଶକୁ ପରିବର୍ତ୍ତିତ, ରୂପଭେଦିତ ବା ବିଖଣ୍ଡିତ କରିପାରିବେ ।

**ସନ୍ତାନମାନଙ୍କ ଅଭିରକ୍ଷା ।**

26. ଏହି ଅଧିନିୟମ ଅଧୀନ ଯେକୌଣସି କାର୍ଯ୍ୟବିଧିରେ, ନ୍ୟାୟାଳୟ, ଅପ୍ରାପ୍ତ ବୟସ୍କ ସନ୍ତାନମାନଙ୍କ ଅଭିରକ୍ଷା, ଭରଣପୋଷଣ ଓ ଶିକ୍ଷା ସଂପର୍କରେ, ସମ୍ଭବସ୍ଥଳେ ସେମାନଙ୍କ ଇଚ୍ଛା ସହିତ ସାମଂଜସ୍ୟ ରକ୍ଷାକରି ନ୍ୟାୟାଳୟ ନ୍ୟାୟସଙ୍ଗତ ଓ ଉଚିତ ମନେ କରିବାମତେ ସମୟକୁ ସମୟ ସେ ଭଳି ମଧ୍ୟବର୍ତ୍ତୀ କାଳୀନ ଆଦେଶ ଦେଇପାରିବେ ଏବଂ ଡ଼ିକ୍ରିରେ ସେପରି ବ୍ୟବସ୍ଥା କରିପାରିବେ ଏବଂ ସେହି ଡ଼ିକ୍ରି ଦିଆଯିବା ପରେ, ସେହି ଉଦ୍ଦେଶ୍ୟରେ ଆବେଦନ ଦ୍ୱାରା ଦରଖାସ୍ତ ଉପରେ, ସେପରି ଡ଼ିକ୍ରି ହାସଲ କରିବା ନିମନ୍ତେ ହୋଇଥିବା କାର୍ଯ୍ୟବିଧି ତଥାପି ବିଗ୍ରହାଧୀନ ଥିଲେ ସେପରି ଡ଼ିକ୍ରି ବା ମଧ୍ୟବର୍ତ୍ତୀ କାଳୀନ ଆଦେଶ ଦ୍ୱାରା ଯେପରି କରାଯାଇ ପାରିଥାନ୍ତା ସେଭଳି ସନ୍ତାନମାନଙ୍କ ଅଭିରକ୍ଷା, ଭରଣପୋଷଣ ଓ ଶିକ୍ଷା ସଂପର୍କରେ ସମୟକୁ ସମୟ ସେପରି ସମସ୍ତ ଆଦେଶ ଓ ବ୍ୟବସ୍ଥା କରିପାରିବେ ଏବଂ ସେହି ନ୍ୟାୟାଳୟ, ପୂର୍ବରୁ କରାଯାଇଥିବା ସେପରି କୌଣସି ଆଦେଶ ଓ ବ୍ୟବସ୍ଥାକୁ ସମୟକୁ ସମୟ ପ୍ରତିସଂହରଣ, ନିଲମ୍ବିତ ବା ବିଭେଦିତ କରିପାରିବେ ।

**ସଂପତ୍ତିର ନିକାଶ**

27. ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ, ବିବାହ ସମୟରେ ବା ତାହାରି ପାଖାପାଖି, ଉପହାର ସ୍ୱରୂପ ଦତ୍ତ ଯେଉଁ ସଂପତ୍ତି ସଂଯୁକ୍ତ ରୂପେ ଉଭୟ ପତି ଓ ପତ୍ନୀଙ୍କର ହୋଇପାରେ ତାହା ସଂକ୍ରାନ୍ତରେ ନ୍ୟାୟାଳୟ ଯେପରି ନ୍ୟାୟସଙ୍ଗତ ଓ ଉଚିତ ମନେ କରିବେ ସେ ଡ଼ିକ୍ରିରେ ସେପରି ଉପବନ୍ଧ କରିପାରିବେ ।

**ଡ଼ିକ୍ରି ଓ ଆଦେଶ ଗୁଡ଼ିକରୁ ଅପିଲ ।**

28. (1) ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଡ଼ିକ୍ରି, ଉପଧାରା (3) ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ସେହି ନ୍ୟାୟଳୟଙ୍କ ମୂଳ ସିଭିଲ ଅଧିକାରିତାର ପ୍ରୟୋଗରେ ଦିଆଯାଇଥିବା ନ୍ୟାୟାଳୟଙ୍କ ଡ଼ିକ୍ରି ଭଳି ଅପିଲଯୋଗ୍ୟ ହେବ ଏବଂ ସେପରି ପ୍ରତ୍ୟେକ ଅପିଲ ଯେଉଁ ନ୍ୟାୟାଳୟରେ ନ୍ୟାୟଳୟର ମୂଳ ସିଭିଲ ଅଧିକାରିତାର ପ୍ରୟୋଗରେ ଦିଆଯାଇଥିବା ନ୍ୟାୟାଳୟଙ୍କ ନିଷ୍ପତିରୁ ସାଧାରଣତଃ ଅପିଲ ହୁଏ ତାହା ନିକଟରେ ହୋଇପାରିବ ।

(୨) ଧାରା 25 ବା ଧାରା 26 ଅନୁଯାୟୀ ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶଗୁଡ଼ିକ, ଉପଧାରା (3) ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ଯଦି ସେଗୁଡ଼ିକ ଅନ୍ତବର୍ତ୍ତୀ ଆଦେଶ ହୋଇନଥାଏ ତେବେ ଅପିଲଯୋଗ୍ୟ ହେବ ଏବଂ ସେପରି ପ୍ରତ୍ୟେକ ଅପିଲ, ଯେଉଁ ନ୍ୟାୟାଳୟ, ନ୍ୟାୟାଳୟଙ୍କ ମୂଳ ସିଭିଲ ଅଧିକାରିତାର ପ୍ରୟୋଗରେ ଦିଆଯାଇଥିବା ନ୍ୟାୟାଳୟଙ୍କ ନିଷ୍ପତିରୁ ସାଧାରଣତଃ ଅପିଲ ହୁଏ, ତାହା ନିକଟରେ ଅପିଲ ହୋଇପାରିବ ।

(3) କେବଳ ମାତ୍ର ଖର୍ଚ୍ଚା ବିଷୟରେ ଏହି ଧାରା ଅନୁଯାୟୀ କୌଣସି ଅପିଲ ହେବନାହିଁ ।

(4) ଏହି ଧାରା ଅଧୀନ ପ୍ରତ୍ୟେକ ଅପିଲ, ଡ଼ିକ୍ରି ବା ଆଦେଶ ତାରିଖଠାରୁ ତିରିଶ ଦିନର କାଳାବଧି ମଧ୍ୟରେ ଆଗତ କରାଯିବ ।

ଡ଼ିକ୍ରି ଓ ଆଦେଶର ପ୍ରବର୍ତ୍ତନ ।

28. କ. ଏହି ଅଧିନିୟମ ଅଧୀନ କୌଣସି କାର୍ଯ୍ୟବିଧିରେ **ନ୍ୟାୟାଳୟଙ୍କ ଦ୍ୱାରା** ଦିଆଯାଇଥିବା ସମସ୍ତ ଡ଼ିକ୍ରି ବା ଆଦେଶ ନ୍ୟାୟାଳୟଙ୍କ ମୂଳ ସିଭିଲ ଅଧିକାରିତାର ପ୍ରୟୋଜନରେ ଦିଆଯାଇଥିବା **ସେହି**, ନ୍ୟାୟାଳୟଙ୍କ ଡ଼ିକ୍ରି ବା ଆଦେଶ ତତ୍‌ସମୟେ ପ୍ରବର୍ତ୍ତିତ ହେବାଭଳି ଏକାରୀତିରେ ପ୍ରବର୍ତ୍ତିତ ହେବ ।

## ବ୍ୟାବୃତ୍ତି ଓ ନିରସନ

ବ୍ୟାବୃତ୍ତି

29. (1) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହିନ୍ଦୁମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା **କୌଣସି** ବିବାହ **ଯାହା** ଅନ୍ୟଥା ବିଧିମାନ୍ୟ ହୋଇଥାଏ ତାହା, ଉକ୍ତ ବିବାହ ସଂପୃକ୍ତ ପକ୍ଷମାନେ ଏକା ଗୋତ୍ର ବା ପ୍ରବରର **ହୋଇଥାଆନ୍ତି** ବା ଭିନ୍ନ ଧର୍ମ, ଜାତି ବା ସେହି ଏକା ଜାତିର ଉପବିଭାଗର ହୋଇଥାନ୍ତି ବୋଲି କେବଳ ଏହି ତଥ୍ୟ ଯୋଗୁ ଅବିଧିମାନ୍ୟ ହେବା କିମ୍ବା ଏପରିକି ଅବିଧିମାନ୍ୟ ହୋଇଥିବା ବିବେଚିତ ହେବ ନାହିଁ ।

(୨) ଏହି ଅଧିନିୟମରେ ଥିବା କୌଣସି ବିଷୟ, ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ଅନୁଷ୍ଠିତ ହୋଇଥିବା କୌଣସି ହିନ୍ଦୁ ବିବାହର ବିଘଟନ ହାସଲ କରିବା ନିମନ୍ତେ ଚଳଣି ଦ୍ୱାରା ମାନ୍ୟତାପ୍ରାପ୍ତ ବା କୌଣସି ବିଶେଷ ଅଧିନିୟମନ ଦ୍ୱାରା ଅର୍ପିତ କୌଣସି ଅଧିକାରକୁ ପ୍ରଭାବିତ କରିବା ବିବେଚିତ ହେବ ନାହିଁ ।

(3) ଏହି ଅଧିନିୟମରେ ଥିବା କୌଣସି ବିଷୟ, ଏହି ଅଧିନିୟମର ପ୍ରାରମ୍ଭରେ କୌଣସି ବିବାହକୁ ନିଃସାର ବା ବ୍ୟର୍ଥ ଘୋଷଣା କରାଯିବା ଲାଗି ବା କୌଣସି ବିବାହକୁ ନିଃସାର ବା ବିଘଟିତ କରିବା ଲାଗି ବା ନ୍ୟାୟିକ ପୃଥକୀକରଣ ଲାଗି ତତ୍‌ସମୟେ ପ୍ରବୃତ୍ତ କୌଣସି ବିଧି ଅଧୀନରେ ବିଚାରାଧୀନ ଥିବା କୌଣସି କାର୍ଯ୍ୟବିଧିକୁ ପ୍ରଭାବିତ କରିବ ନାହିଁ ଏବଂ ସେପରି କୌଣସି କାର୍ଯ୍ୟବିଧି ଏପରି ଚାଲୁ ରହି ପାରିବ ଓ ଅବଧାରିତ ହୋଇ ପାରିବ ସତେ ଯେପରିକି ଏହି ଅଧିନିୟମ ପାରିତ ହୋଇ ନଥିଲା ।

(4) ଏହି ଅଧିନିୟମରେ ଥିବା କୌଣସି ବିଷୟ, ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ବିଶେଷ ବିବାହ ଅଧିନିୟମ, 1954 ଅନୁଯାୟୀ ହିନ୍ଦୁମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିବାହ ସଂକ୍ରାନ୍ତରେ ସେହି ଅଧିନିୟମରେ ଥିବା ଉପବନ୍ଧଗୁଡ଼ିକୁ ପ୍ରଭାବିତ କରିବା ବିବେଚିତ ହେବ ନାହିଁ ।

30. (ନିରସିତ) ନିରସନ ଓ ସଂଶୋଧନ ଅଧିନିୟମ, 1960 (1960 ର 58) ର ଧାରା 2 ଓ **ପ୍ରଥମ** ଅନୁସୂଚୀ ଦ୍ୱାରା ନିରସିତ ।

OGP—MP-VI (Law) 69—200—12-7-1993